ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ରବିବାର ୦୩ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 03 JANUARY 2021

Vol.No. 31 ■ No. 03 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## ଆଇଆଇଏମ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ ପାଇଁ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

### -ଆତ୍ମନିର୍ଭର ଭାରତରେ ଯୋଗଦାନ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ
### -ଦେଶର ଆଶାଆକାଂକ୍ଷା ସହିତ ନିଜ କ୍ୟାରିଅରକୁ ଯୋଡ଼ିବା ନିମନ୍ତେ ଆଇଆଇଏମ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

ଭୁବନେଶ୍ୱର,୦୨।୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ଜରିଆରେ ଆଇଆଇଏମ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ସମାରୋହରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ରମେଶ ପୋଖରିୟାଲ 'ନିଶଙ୍କ', କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ, ଇସ୍ପାତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଇଆଇଏମ ସମ୍ବଲପୁରର ଏହି




ସ୍ଥାୟୀ କ୍ୟାମ୍ପସ କେବଳ ଓଡ଼ିଶାର ସଂସ୍କୃତି ଏବଂ ପ୍ରାକୃତିକ ସମ୍ପଦକୁ ପ୍ରଦର୍ଶିତ କରିବ ନାହିଁ ବରଂ ମ୍ୟାନେଜମେଂଟ କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱସ୍ତରରେ ଏକ ପରିଚୟ ପ୍ରଦାନ କରିବ। ସେ କହିଥିଲେ ଯେ ପୂର୍ବରୁ ବାହାରୁ ବହୁରାଷ୍ଟ୍ରୀୟ ସଂସ୍ଥାଗୁଡ଼ିକ ଭାରତକୁ ଆସୁଥିବା ବେଳେ ନିକଟ ଅତୀତରେ ଭାରତୀୟ ବହୁରାଷ୍ଟ୍ରୀୟ ସଂସ୍ଥାଙ୍କର ସଂଖ୍ୟା ବୃଦ୍ଧି ପାଇଛି। ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ଷ୍ଟାର୍ଟଅପଗୁଡ଼ିକ ମୁଣ୍ଡ ଟେକୁଥିବା ବେଳେ ଭାରତରେ ସଙ୍କଟଜନକ ପରିସ୍ଥିତି ସତ୍ତ୍ୱେ ଅଧିକ 'ୟୁନିକର୍ଣ୍ଣ'ଗୁଡ଼ିକୁ ଦେଖିବାକୁ ମିଳିଛି। କୃଷି କ୍ଷେତ୍ରରେ ଦ୍ରୁତ ସଂସ୍କାର ଜାରି ରହିଛି। ଏପରି ପରିସ୍ଥିତିରେ ଦେଶର ଆଶାଆକାଂକ୍ଷା ସହିତ ନିଜର କ୍ୟାରିୟରକୁ ଯୋଡ଼ିବା ଲାଗି ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ଏହି ନୂଆ ଦଶନ୍ଧିରେ, ବ୍ରାଣ୍ଡ ଇଣ୍ଡିଆକୁ ଏକ ବିଶ୍ୱସ୍ତରୀୟ ପରିଚୟ ପ୍ରଦାନ କରିବା ଆପଣମାନଙ୍କର ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସ୍ଥାନୀୟ ଉତ୍ପାଦକୁ ବିଶ୍ୱସ୍ତରକୁ ନେଇଯିବାରେ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ▶▶ପୃଷ୍ଠା ୭

## ୧୦ମ ଓ ୧୨ଶ ଶ୍ରେଣୀ ପିଲାଙ୍କ ପାଇଁ ୮ରୁ ଖୋଲିବ ଶିକ୍ଷାନୁଷ୍ଠାନ

### - ୧୦୦ ଦିନ ପାଇଁ ପାଠପଢ଼ା ହେବ
### - ମଇ ୩ରୁ ଦଶମ, ମଇ ୧୫ରୁ ଦ୍ୱାଦଶ ପରୀକ୍ଷା



ଭୁବନେଶ୍ୱର,୦୨।୦୧ (ନି.ପ୍ର): ରାଜ୍ୟ ସରକାର ଆସନ୍ତା ୮ ତାରିଖରୁ ସ୍କୁଲ ଖୋଲିବାକୁ ଯାଉଛନ୍ତି। ତେବେ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନେ ପାଠ ପଢ଼ିବାକୁ ଯିବେ। ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଶନିବାର/ରବିବାରକୁ ମିଶାଇ ୧୦୦ ଦିନ ପାଠପଢ଼ା ହେବ। ▶▶ପୃଷ୍ଠା ୭

## ଘନ କୁହୁଡି ପାଇଁ ସତର୍କ ରହିବାକୁ ଜିଲ୍ଲାପାଳ ଓ ଏସପିମାନଙ୍କୁ ଏସଆରସିଙ୍କ ଚିଠି

ଭୁବନେଶ୍ୱର,୦୨।୦୧ (ନି.ପ୍ର): ଆସନ୍ତାକାଲି (ରବିବାର) ଓ ସୋମବାର ୨ ଦିନ ରାଜ୍ୟର କିଛି ଜିଲ୍ଲାରେ ସକାଳବେଳା ଘନ କୁହୁଡି ଦେଖାଦେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଶନିବାର ଦିନ ସମସ୍ତ ଜିଲ୍ଲାପାଳ ଓ ଏସପି ମାନଙ୍କୁ ସତର୍କ ରହିବାକୁ ଚିଠି ଲେଖିଛନ୍ତି। ଘନ କୁହୁଡି ଯୋଗୁଁ ରାଜପଥ ଗୁଡିକରେ ଦୁର୍ଘଟଣା ହେବାର ଆଶଙ୍କା ରହିଥିବାରୁ ଜିଲ୍ଲା ପୋଲିସ୍ ଓ ପରିବହନ ଅଧିକାରୀମାନେ ଆବଶ୍ୟକ ପଦକ୍ଷେପ ନେବାକୁ ଏସଆରସି କହିଛନ୍ତି। ଆଇଏମଡିର ପୂର୍ବାନୁମାନ ଅନୁଯାୟୀ ରବିବାର ସକାଳେ ଅନୁଗୁଳ, କଟକ , ଜଗତସିଂହପୁର, ଭଦ୍ରକ ଓ କନ୍ଧମାଳ ଜିଲ୍ଲାରେ ଏବଂ ସୋମବାର ଦିନ ଭଦ୍ରକ , କଟକ, କେନ୍ଦ୍ରାପଡା, କନ୍ଧମାଳ ଓ ଜଗତସିଂହପୁର ଜିଲ୍ଲାରେ ଘନ କୁହୁଡି ହେବ।

## କଳିଙ୍ଗନଗର ଗୁଳିକାଣ୍ଡର ୧୫ ବର୍ଷ ପୂର୍ତ୍ତିରେ କଂଗ୍ରେସର ଶ୍ରଦ୍ଧାଂଜଳି ସଭା

ଭୁବନେଶ୍ୱର,୦୨।୦୧ (ନି.ପ୍ର): ଜାନୁଆରୀ ୨, ୨୦୦୬ ଯାଜପୁର ଜିଲ୍ଲା କଳିଙ୍ଗନଗର ଗୁଳିକାଣ୍ଡରେ ୧୬ ଜଣ ନିରୀହ ଆଦିବାସୀ ପ୍ରାଣବଳି ଦେଇଥିବା ଘଟଣାର ୧୫ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଶ୍ରଦ୍ଧାଞ୍ଜଳି ସଭା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଏବଂ ଜାତୀୟ ଟ୍ରେଡ ୟୁନିୟନ କଂଗ୍ରେସର ସଭାପତି ରାମଚନ୍ଦ୍ର ଖୁଂଟିଆ ଏହି ସଭାରେ ତାଙ୍କ ବକ୍ତବ୍ୟରେ କଳିଙ୍ଗନଗରର ସେହି ଲୋମହର୍ଷଣକାରୀ ଘଟଣା ଉପରେ ଆଲୋକପାତ କରି କହିଥିଲେ କଳିଙ୍ଗନଗର ଗୁଳିକାଣ୍ଡ ଘଟଣା ସାରା ରାଜ୍ୟ ଏବଂ ଦେଶରେ ଏକ ଆଲୋଡନ ସୃଷ୍ଟି କରିଥିଲା। ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ବକ୍ତବ୍ୟ ରଖି କହିଥିଲେ ବିଜେପି ବିଜେଡି ସରକାର ଆଦିବାସୀ, ପଛୁଆବର୍ଗ, କୃଷକ ଏବଂ ଶ୍ରମିକମାନଙ୍କ ବିରୋଧି। କେନ୍ଦ୍ରରେ ମନମୋହନ ସିଂହଙ୍କ ସମୟରେ ଉପା ସରକାର ଆଦିବାସୀମାନଙ୍କୁ ଜଙ୍ଗଲ ଜମିର ପଟ୍ଟା ହସ୍ତାନ୍ତର କରିବାକୁ ନିଷ୍ପତି ନେଇଥିଲେ ଏବଂ ସେହି ଅନୁସାରେ ଯେଉଁ ଆଦିବାସୀମାନେ ଯେଉଁ ଜଙ୍ଗଲ ଭିତରେ ରହିଛନ୍ତି ସେହି ଜଙ୍ଗଲରେ ରହିବା ପାଇଁ ତାଙ୍କୁ ପଟ୍ଟା ଦେବାରେ ଆଇନ୍‌ର ବ୍ୟବସ୍ଥା କରାଗଲା। ରାଜ୍ୟରେ ବହୁ ବଡ ବଡ ଶିଳ୍ପ ପ୍ରତିଷ୍ଠା ହୋଇଛି, ବହୁ ବଡ ବଡ ନଦୀ ବନ୍ଧ ଯୋଜନା କରାଯାଇଛି କିନ୍ତୁ ବନ୍ଧୁକ ମୁନରେ ଆଦିବାସୀମାନଙ୍କର ରକ୍ତରେ ହୋଲି ଖେଳି କଂଗ୍ରେସ ଓଡିଶାରେ ଶିଳ୍ପ ସ୍ଥାପନ କରିନାହିଁ।

## ଓବିସି ସଂରକ୍ଷଣ ଦେବାରେ ରାଜ୍ୟ ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତିର ଅଭାବ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୦୨।୦୧ (ନି.ପ୍ର): ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କୁ ଉଭୟ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଓ ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ (ଏସ୍‌ଇବିସି)ଙ୍କୁ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦିଆନଯିବା ରାଜ୍ୟ ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଥିବା ଜଣାପଡୁଛି। ତେବେ ପ୍ରଧାନମନ୍ତ୍ରୀ ମୋଦି କାଳେ ନାଁ ନେଇଯିବେ; ଏପ୍ରକାର ଡରରେ ନରହି ରାଜ୍ୟ ସରକାର ନିଜର କର୍ତ୍ତବ୍ୟ ପାଳନ



କରନ୍ତୁ ବୋଲି ଗଣମାଧ୍ୟମକୁ ଏପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟର ମୋଟ ଜନସଂଖ୍ୟାର ପ୍ରମୁଖ ଅଂଶ ହେଉଛନ୍ତି ଓବିସି ଓ ଏସଇବିସି ବର୍ଗ। ଏହି ବର୍ଗର ଲୋକମାନେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଥିବା ସୁଯୋଗକୁ ବଂଚିତ ହୋଇଛନ୍ତି । ଯେଉଁ କାରଣରୁ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିନାହିଁ । ସେ କହିଛନ୍ତି ଯେ କେନ୍ଦ୍ର ସରକାର ପଛୁଆ ବର୍ଗଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ସୁବିଧା ଦେଇଥିବା ବେଳେ ▶▶ପୃଷ୍ଠା ୭

## ୪ରେ ଶପଥ ନେବେ ହାଇକୋର୍ଟର ମୁଖ୍ୟ ବିଚାରପତି

ଭୁବନେଶ୍ୱର,୦୨।୦୧ (ନି.ପ୍ର): ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ. ମୁରଲୀଧର ଆସନ୍ତା ୪ ତାରିଖରେ ଶପଥ ଗ୍ରହଣ କରିବେ। ଡକ୍ଟର ଜଷ୍ଟିସ ଏସ୍. ମୁରଲୀଧର ୧୯୮୪ରେ ଚେନ୍ନାଇରେ ଓକିଲାତି ଆରମ୍ଭ କରିଥିଲେ। ଏହାପରେ ସେ ସୁପ୍ରିମକୋର୍ଟ ଓ ଦିଲ୍ଲୀ ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୦୬, ମେ ୨୯ରେ ଜଷ୍ଟିସ ଏସ.ମୁରଲୀଧର ଦିଲ୍ଲୀ ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ଏହାପରେ ୨୦୨୦ରେ ତାଙ୍କର ପଞ୍ଜାବ ଓ ହରିୟାନା ହାଇକୋର୍ଟକୁ ବଦଳି ହୋଇଥିଲା।



ଉଲ୍ଲେଖଯୋଗ୍ୟ ଯେ ଗତ ଡିସେମ୍ବର ୧୪ରେ ଡକ୍ଟର ଜଷ୍ଟିସ ଏସ.ମୁରଲୀଧରଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିଶ କରିଥିଲେ। ସେହିଭଳି ଭାବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବଦଳି ପାଇଁ ମଧ୍ୟ ସୁପାରିଶ କରାଯାଇଥିଲା।

## ବୌଦ୍ଧ ଜିଲ୍ଲାର ୨୭ତମ ପ୍ରତିଷ୍ଠା ଦିବସ

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୪୪.୬୦ କୋଟି ଟଙ୍କାର ୧୮ଟି ପ୍ରକଳ୍ପ ଉଦ୍‌ଘାଟନ

ଭୁବନେଶ୍ୱର,୦୨।୦୧ (ନି.ପ୍ର): ବୌଦ୍ଧ ଜିଲ୍ଲାର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡ଼ିଓ କନଫରେନ୍ସିଂ ଜରିଆରେ ବୌଦ୍ଧ ଜିଲ୍ଲାର ନୂତନ ସଂଗ୍ରହାଳୟ ଉଦ୍‌ଘାଟନ କରିଛନ୍ତି। ବୌଦ୍ଧ ଜିଲ୍ଲାର ୧୦୦ ବର୍ଷ ପୁରାତନ କଚେରୀ କୋଠାରେ ଏହି ନୂତନ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଏହି ଆଇକନିକ୍ ହେରିଟେଜ୍ ବିଲ୍‌ଡିଙ୍ଗରେ ସଂଗ୍ରହାଳୟ ପ୍ରତିଷ୍ଠା ଦ୍ୱାରା ବୌଦ୍ଧ ଜିଲ୍ଲାର କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଏବଂ ପ୍ରଚାର,



ପ୍ରସାର ହୋଇପାରିବ। ଜିଲ୍ଲାରେ ପର୍ଯ୍ୟଟନର ବିକାଶରେ ଏହା ସହାୟକ ହେବ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମୁଦାୟ ୪୪.୬୦ କୋଟି ଟଙ୍କାର ୧୮ଟି ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଏଥିରେ ୩ଟି ଦୁଗ୍ଧ ଶୀତଳୀକରଣ ପ୍ରକଳ୍ପ, ବିଭିନ୍ନ ରାସ୍ତାର ନିର୍ମାଣ ଓ ପ୍ରଶସ୍ତିକରଣ, ପାର୍କ ଓ ଛକର ବିକାଶ କାମ ଅନ୍ତର୍ଭୁକ୍ତ। ୩ଟି ଦୁଗ୍ଧ ଶୀତଳୀକରଣ ପ୍ଲାଂଟ ଦ୍ୱାରା ଜିଲ୍ଲାର ୪୦୦୦ ଦୁଗ୍ଧଚାଷୀ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିକାଶର ସୁଫଳ ସମସ୍ତଙ୍କ ପାଖରେ ପହଂଚିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିକାଶର ସୁଫଳ ସମସ୍ତଙ୍କ ପାଖରେ ପହଂଚିବା ଆବଶ୍ୟକ। ବିଶେଷ କରି ଗରୀବ ଲୋକ ଓ ▶▶ପୃଷ୍ଠା ୭

## ଆରମ୍ଭ ହେଲା କରୋନା ଟିକାର ଡ୍ରାଏ ରନ୍

ଭୁବନେଶ୍ୱର,୦୨।୦୧ (ନି.ପ୍ର): ଆଜିଠାରୁ ସାରା ଦେଶରେ କରୋନା ଟିକାର ଡ୍ରାଏ ରନ୍ ହୋଇଛି। ଏହିକ୍ରମରେ ଓଡିଶାରେ ମଧ କୋଭିଡ୍ ଟିକାର ଡ୍ରାଏ ରନ୍ ହୋଇଛି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସମେତ ରାଜ୍ୟର ୩୦ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟିକାକରଣର ଅଭ୍ୟାସ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର ଶନିବାର ଦିନ କ୍ୟାପିଟାଲ ହସ୍ପିଟାଲ ଯାଇ ଏହି ପ୍ରକ୍ରିୟାର ଅନୁଧ୍ୟାନ କରିଥିଲେ। ଏଥିପାଇଁ ସମସ୍ତ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଏସଓପି ପ୍ରଦାନ କରାଯାଇଥିଲା। କ୍ୟାପିଟାଲ ହସ୍ପିଟାଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାଇଁ କୋ ୱିନ୍ ୱେବ୍



ପୋର୍ଟାଲରେ ୟୁଜର ଆଇଡି ପ୍ରସ୍ତୁତ କରାଯାଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ପ୍ରତ୍ୟକ ଟିକାକରଣ କେନ୍ଦ୍ରରେ ଜଣେ ଭ୍ୟାକ୍ସିନେଟରଙ୍କୁ ମିଶାଇ ୫ ଜଣ ଉପସ୍ଥିତ ଅଛନ୍ତି। ୨୫ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ସାମିଲ କରାଯାଇଛି। ଗୋଟିଏ ଟିକାକରଣ କେନ୍ଦ୍ର, ଟିକାକରଣ ଗୃହ ଓ ଗୋଟିଏ ନିରୀକ୍ଷଣ ଗୃହ ରହିଛି। ଟିକା ନେଉଥିବା ବ୍ୟକ୍ତିଙ୍କୁ ଅଧଘଂଟା ପାଇଁ ନିରୀକ୍ଷଣରେ ରଖାଯିବ। ▶▶ପୃଷ୍ଠା ୭

## ବାଲେଶ୍ୱରରେ କୋଭିଡ୍ ଟିକାକରଣ ଡ୍ରାଏରନ

### ୨୫ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଡେମୋ।

ବାଲେଶ୍ୱର,୦୨।୦୧ (ନି.ପ୍ର): କୋଭିଡ୍ ଟୀକାକରଣ ପାଇଁ ବାଲେଶ୍ୱରରେ ଡ୍ରାଏ ରନ୍ ବା ମକ୍‌ଡ୍ରିଲ ଅନୁଷ୍ଠିତ ଶନିବାର ଦିନ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ଦେଶରେ ପ୍ରକୃତ କୋଭିଡ୍ ଟିକାକରଣ ପୂର୍ବରୁ ଏହିଭଳି ମକଡ୍ରିଲ କରାଯାଉଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଡ୍ରାଏରନର ଆବଶ୍ୟକତା ଓ କାର୍ଯ୍ୟଶୈଳୀ ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି କୋଭିଡ ଟିକାକରଣରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ୍କ ଦାୟିତ୍ୱବୋଧତା ସମ୍ପର୍କରେ ସେ ସମସ୍ତଙ୍କୁ ଅବଗତ କରିଥିଲେ। ଜିଲାମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ ଜଗଦେବ, ସହ-ଚିକିତ୍ସାଧିକାରୀ ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ, ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ର, ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଡିପିଏମ ଅନୀଲ କୁମାର ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ରହି ଡ୍ରାଏରନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାମୁଖ୍ୟ ଚିକିତ୍ସାଳୟରେ ସ୍ଥାପନ ହୋଇଥିବା ଅସ୍ଥାୟୀ ଟିକାକରଣ କେନ୍ଦ୍ରରେ ୨୫ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଡେମୋ ଟିକା ପ୍ରଦାନ କରାଯାଇଥିଲା। ଟିକାକରଣ ପାଇଁ ପ୍ରଶିକ୍ଷଣ ନେଇ ଆସିଥିବା ଅଧିକାରୀ ଡ୍ରାଏରନର ଗାଇଡଲାଇନ ଓ ଏସଓପି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ଟିକାକରଣ କେନ୍ଦ୍ରରେ ୩ଟି ବୁଥ୍ କରାଯାଇଥିଲା। ଟିକାକରଣ ସମ୍ପର୍କିତ କୋ-ଉଇନ ୱେବ ପୋର୍ଟାଲର ଟ୍ରାଏଲ ଭର୍ସନ ମଧ୍ୟ ବ୍ୟବହାର କରାଯାଇଥିଲା। ଟିକା ଦେବା ପୂର୍ବରୁ ପୋର୍ଟାଲରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ଯାଞ୍ଚ କରାଯାଇଥିଲା। ପରେ ତାଙ୍କୁ ଭେକ୍ସିନେଟର ନିକଟକୁ ନିଆଯାଇ ଭେକ୍ସିନ୍ ଦିଆଯାଇଥିଲା। ଭେକ୍ସିନ୍ ଦିଆଯିବା ପରେ ୩୦ ମିନିଟ୍ ପର୍ଯ୍ୟନ୍ତ ତାଙ୍କୁ ଅନୁଧ୍ୟାନ କରାଯାଇଥିଲା। ତେବେ କୋଭିଡ୍ ଟିକାର ପ୍ରଥମ ଡୋଜ୍ ଦିଆଯିବାର ୨୮ ଦିନ ପରେ ଦ୍ୱିତୀୟ ଡୋଜ୍ ନେବାକୁ ପଡ଼ିବ ବୋଲି ଟିକା ନେଇଥିବା ଜନୈକ ସ୍ୱାସ୍ଥ୍ୟକର୍ମୀ ପ୍ରକାଶ କରିଥିଲେ। ବାଲେଶ୍ୱର ଜିଲାରେ ମୋଟ ୧୩୪ଗୋଟି ବୁଥ୍‌ରେ ୧୩ହଜାର ୬୮୦ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରାଥମିକତା ଭିତ୍ତିରେ କୋଭିଡ ଟିକା ପ୍ରଦାନ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଜଗଦେବସୂଚନା ଦେଇଛନ୍ତି।

## ବାଇକ୍‌ରେ ଦୁଇଜଣ ହେଲମେଟ୍ ନପିନ୍ଧିଲେ ହଜାରେ ଟଙ୍କା ଫାଇନ୍, ବାତିଲ ହେବ ଲାଇସେନ୍ସ

ଭୁବନେଶ୍ୱର,୦୨।୦୧ (ନି.ପ୍ର): ବାଇକ୍ ରେ ବାହାରକୁ ଯାଉଥିଲେ ଉଭୟ ଚାଳକ ଓ ପଛରେ ବସିଥିବା ଯାତ୍ରୀ ହେଲମେଟ ପିନ୍ଧିବା ବାଧ୍ୟତାମୂଳକ। ଏହି ନିୟମ ନ ମାନିଲେ ୩ ମାସ ପାଇଁ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ ହେବ। ଏଥି ସହିତ ୧୦୦୦ ଟଙ୍କା ଜରିମାନା ମଧ୍ୟ ଦେବାକୁ ପଡ଼ିବ। ଶନିବାର ଦିନ ରାଜ୍ୟ ସଡ଼କ ଓ ପରିବହନ କର୍ତ୍ତୃପକ୍ଷଙ୍କ ତରଫରୁ ଟୁଇଟ କରି ଏହି ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ଟ୍ରାଫିକ ନିୟମର କାର୍ଯ୍ୟକାରୀତାକୁ ୨୦୨୧ ମସିହା ଜାନୁଆରି ୧ ତାରିଖଠାରୁ କଡ଼ାକଡ଼ି କରିଛନ୍ତି। ଏଥିଲାଗି ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ତନଖି କଡ଼ାକଡ଼ି କରାଯାଇଛି।

# ଜଟଣୀ ସ୍ଥିତିବାନ ସମ୍ପତ୍ତିକୁ ଶ୍ରୀଜଗନ୍ନାଥ ନାମରେ ନାମିତ କରାଯିବା ପ୍ରତିବାଦରେ ଲୋକସେବା ଭବନ ଘେରିବ କଂଗ୍ରେସ

## ଇଡ୍‌କୋ ଜରିଆରେ ଖୋର୍ଦ୍ଧା ଜମି ବିକ୍ରୀର ସିବିଆଇ ତଦନ୍ତ କରିବାକୁ ଦାବି

ଭୁବନେଶ୍ୱର,୨୧ (ନି.ପ୍ର): ଜଟଣୀ ମ୍ୟୁନିସିପାଲିଟି ଓ ତାର ପାର୍ଶ୍ୱବର୍ତ୍ତୀ ୧୩ଟି ଗ୍ରାମର ସମସ୍ତ ସ୍ଥିତିବାନ ସଂପତିକୁ ୨୦୧୨ ରେ ହଠାତ ଜଣେ ସେଟଲମେଂଟ ଅଫିସର ଆସି ଶ୍ରୀ ଜଗନ୍ନାଥ ନାମରେ ନାମିତ କରିଛନ୍ତି। ଏ ଅଂଚଳର ଜନସାଧାରଣଙ୍କର ସ୍ଥିତିବାନ ସମ୍ପତି ଜଗନ୍ନାଥଙ୍କ ନାମରେ ନାମିତ ହେବା ଦ୍ୱାରା ଭାରତ ସରକାର ଓ ଓଡ଼ିଶା ସରକାରଙ୍କର କୌଣସି ଯୋଜନାରେ ଉନ୍ନତିମୂଳକ କାର୍ଯ୍ୟକ୍ରମ ହୋଇପାରୁ ନାହିଁ ଏବଂ ଏହି ଜମି ବିକ୍ରି ଖର୍ଦ୍ଦି ହୋଇପାରୁ ନାହିଁ। ମାର୍ଚ୍ଚ ୧ ତାରିଖ ସୁଦ୍ଧା ସ୍ଥିତିବାନ ଜମିକୁ ଫେରାଇ ନଦିଆଯାଏ, ରାଜ୍ୟ ସରକାରଙ୍କ ଉଦାସୀନତାର ଶିକାର ହୋଇଥିବା ଉପରୋକ୍ତ ଅଂଚଳର ସମସ୍ତ ଅଧିବାସୀ ସଚିବାଳୟ (ଲୋକସେବା ଭବନ)କୁ ମାର୍ଚ୍ଚ ୧ ତାରିଖରେ ଘେରାଉ କରିବୁ ବୋଲି ଜଟଣୀ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି। ଖୋର୍ଦ୍ଧା ଜିଲ୍ଲାର ସମସ୍ତ ମୂଲ୍ୟବାନ ଜମିକୁ ଇଡ୍‌କୋ ଜରିଆରେ ରାଜ୍ୟ ସରକାର ଶାଗମାଛ ଦରରେ ବିକୁଛନ୍ତି ବୋଲି ଶ୍ରୀ କୁମାର ରାଉତରାୟ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ୧୮ ହଜାର କୋଟି ଟଙ୍କାର ମୂଲ୍ୟବାନ ଜମିକୁ ୫ ହଜାର କୋଟି ଟଙ୍କାରେ ବିକ୍ରୀ କରି ହଜାର ହଜାର କୋଟି ଟଙ୍କା ଆତ୍ମସାତ କରିଛନ୍ତି। ଏହି ଦୁର୍ନୀତିକୁ ସିବିଆଇ ଦ୍ୱାରା ତଦନ୍ତ କରାଯାଇ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆଣିବାକୁ ଶ୍ରୀ ରାଉତରାୟ ଦୃଢ଼ ଦାବି କରିଛନ୍ତି ଏବଂ ସଂପୂର୍ଣ୍ଣ ଜାଗା ଇଡ୍‌କୋକୁ ନଦେଇ ଗ୍ରାମରେ ଖେଳ ପଡିଆ, ମେଳଣ ପଡିଆ, ସ୍କୁଲ ପଡିଆ ଓ ଜଙ୍ଗଲ ସୃଷ୍ଟି କରାଯାଉ ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରଶ୍ମି ମହାପାତ୍ର, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଲିଙ୍ଗରାଜ ସାହୁ, ବିବେକାନନ୍ଦ ବଡଜେନା, ବିଭୂତିଭୂଷଣ ସାମନ୍ତରାୟ, ତ୍ରିଲୋଚନ ପ୍ରଧାନ, ସୁଧାଂଶୁ ମୋହନ ପଟ୍ଟନାୟକ, ପ୍ରତାପ ସାମନ୍ତରାୟ, ଡଲୁ ପାତ୍ର, ମଂଟୁ ସ୍ୱାଇଁ ଦିବାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ଅଧିବକ୍ତା ଗୋଲକ ରାୟଙ୍କୁ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ,୨୧ (ନି.ପ୍ର): ଭଦ୍ରକ କୋର୍ଟର ବୟୋଜ୍ୟେଷ୍ଠ ଅଧିବକ୍ତା ତଥା ଭଦ୍ରକ ମାଟିର ସାହିତ୍ୟ, ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ଗୋଲକ ପ୍ରସାଦ ରାୟଙ୍କ ଦେହାନ୍ତରେ ଭଦ୍ରକ ଜିଲ୍ଲା କଂଗ୍ରେସ ପକ୍ଷରୁ ଗଭୀର ଶୋକ ପ୍ରକଟ କରାଯାଇଛି। ରାୟଙ୍କ ମୃତ୍ୟୁ ଖବର ପାଇ ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସ, ଭଦ୍ରକ ନିର୍ବାଚନ ମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି, ବାସୁଦେବପୁର ନେତା ଅଶୋକ ଦାସ, ଚାନ୍ଦବାଲି ନେତା ଦିଗମ୍ବର ଦାସ, ଧାମନଗର ନେତା ବିଦ୍ୟାଧର ଯେନା ଅନ୍ୟାନ୍ୟ ନେତୃମଣ୍ଡଳୀ ସହ ତାଙ୍କ ମରଶରୀରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧା ନିବେଦନ ପୂର୍ବକ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଭଦ୍ରକ ମାଟି ଜଣେ ବିଜ୍ଞ, ଗୁଣୀ, ଆଇନଜ୍ଞଙ୍କୁ ହରାଇଲା ବୋଲି ସଭାପତି ଶ୍ରୀଯୁକ୍ତ ଦାସ ତାଙ୍କ ଶୋକବାର୍ତ୍ତାରେ ପ୍ରକାଶ କରିଥିଲେ।

## ସଦର ବିଧାୟକଙ୍କୁ ନୂଆବର୍ଷ ଶୁଭେଚ୍ଛା ଜଣାଇଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ



ବାଲେଶ୍ୱର,୨୧ (ନି.ପ୍ର): ନୂଆବର୍ଷ ଅବସରରେ ବାଲେଶ୍ୱର ଜିଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନର ଏକ ପ୍ରତିନିଧି ଦଳ ସଦର ବିଧାୟକ ସ୍ୱରୂପ ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛି। ଶ୍ରୀ ଦାସଙ୍କୁ ଆଜିମାବାଦସ୍ଥିତ ବାସଭବନରେ ସାକ୍ଷାତ ସହ ପୁଷ୍ପଗୁଚ୍ଛ ଦେଇ ସଂଗଠନ ପ୍ରତିନିଧିମାନେ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସାମ୍ପ୍ରତିକ କରୋନା ଭଳି ସ୍ଥିତିରେ ସାମାଜିକ ବ୍ୟବସ୍ଥା ବେଶ ପ୍ରଭାବିତ ହୋଇଥିବା ବେଳେ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବାରେ ବିଧାୟକ ଶ୍ରୀ ଦାସ ଉଚିତ ପଦକ୍ଷେପ ନେବେ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ଏହି ସାକ୍ଷାତରେ ବିଧାୟକ ଶ୍ରୀ ଦାସ ସନ୍ତୋଷ ପ୍ରକାଶ ସଦର ନିର୍ବାଚନମଣ୍ଡଳୀର ସର୍ବାଙ୍ଗିନ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସାକ୍ଷାତ ସମୟରେ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନର ସମ୍ପାଦକ ସମ୍ପାଦକ ଅକ୍ଷୟ କୁମାର ବେହେରା, କୋଷାଧ୍ୟକ୍ଷ ଅଶୋକ କୁମାର ଦାସଙ୍କ ସମେତ ଉପଦେଷ୍ଟା ଅତୁଲ କୁମାର ଶତପଥୀ ଓ ସଂଜୟ କୁମାର ବେହେରା ଉପସ୍ଥିତ ଥିଲେ।

# ବରିଷ୍ଠ ଆଇନ୍‌ଜୀବୀ ଗୋଲକ ରାୟଙ୍କ ଦେହାନ୍ତ

## ଭଦ୍ରକ ସାଂସଦ ଓ ବିଧାୟକଙ୍କ ଶେଷ ଦର୍ଶନ, ରାଜ୍ୟବ୍ୟାପୀ ଶୋକ



ଭଦ୍ରକ,୨୧ (ନି.ପ୍ର): ରାଜ୍ୟର ଜଣେ ବରିଷ୍ଠ ଆଇନ୍‌ଜୀବୀ ଗୋଲକ ପ୍ରସାଦ ରାୟଙ୍କର ଆଜି ସକାଳ ୭.୩୭ ସମୟରେ ୯୨ ବର୍ଷ ବୟସରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ପରଲୋକ ଘଟିଛି। ସେ କିଛିଦିନ ଧରି ତାଙ୍କ ଭଦ୍ରକର ବୁଦ୍ଧବିହାରସ୍ଥିତ ବାସଭବନରେ ଅସୁସ୍ଥ ଥିଲେ। ତାଙ୍କର ଜନ୍ମ ୧୯୨୯ ଜାନୁଆରୀ ୩୦ ତାରିଖରେ ଭଦ୍ରକ ବ୍ଲକ୍‌ର କଲେି ପଂଚାୟତର ବଳଭଦ୍ରପୁରରେ ହୋଇଥିଲା। ସେ ୧୯୬୨ ମସିହାରୁ ଆଇନ୍ ବ୍ୟବସାୟ ଆରମ୍ଭ କରି ରାଜ୍ୟ ଆଇନ୍‌ଜୀବୀ ପରିଷଦର ସଦସ୍ୟ, ନିଖିଳ ଉତ୍କଳ ଅଧିବକ୍ତା ସଂଘର ଦୁଇଥର ସଭାପତି, ଭଦ୍ରକ ଓକିଲ ସଂଘର ଦୁଇଥର ସଭାପତି ଓ ସାଧାରଣ ସଂପାଦକ, ବରପଦା ଇଂଜିନିୟରିଂ ସ୍କୁଲ ଓ ଟେକ୍ନୋଲୋଜିର ସଭାପତି, ଭଦ୍ରକ କଲେଜ ପରିଚାଳନା ସମିତିର ସଦସ୍ୟ, ଭଦ୍ରକ ସହରର ଶ୍ରୀ ଶ୍ରୀ ଗୋପାଳଜୀଉ ଗୋଶାଳାର ସଭାପତି, ରାଜ୍ୟ ଜନତା ଦଳ ଭଦ୍ରକ ଶାଖାର ସଭାପତି, ସର୍ବଭାରତୀୟ ଟି ବୋର୍ଡର ସଦସ୍ୟ ଥିଲେ। ସେ ଆଇନ୍ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ କିଛିଦିନ ଶିକ୍ଷକତା କରିଥିଲେ। ପରେ ଓଡ଼ିଶା ସଚିବାଳୟରେ କାର୍ଯ୍ୟ କରିବା ଭିତରେ ରାଉରକେଲା ହିନ୍ଦୁସ୍ଥାନ ଷ୍ଟିଲ୍ ଲିମିଟେଡ୍‌ରେ ମଧ ହିସାବ ରକ୍ଷକ ଥିଲେ। ୨୦୦୧ ମସିହାରେ ସେ ଯୁକ୍ତରାଷ୍ଟ୍ର ଆମେରିକା ଯାଇ ସେଠାକାର ବିଚାରପ୍ରଥା ଓ ଗ୍ରାମ୍ୟ ଜୀବନକୁ ଅନୁଧ୍ୟାନ କରିଥିଲେ। ୨୦୧୨ ମସିହାରେ ସେ ନିଖିଳ ଉତ୍କଳ ଆଇନ୍‌ଜୀବୀ ସଂଘ ପକ୍ଷରୁ ସମ୍ମାନିତ ହୋଇଥିବାବେଳେ ଓଡ଼ିଶା ରାଜ୍ୟ ଆଇନ୍‌ଜୀବୀ ପରିଷଦ ମଧ ମଧୁଜୟନ୍ତୀ ଓ ଆଇନ୍‌ଜୀବୀ ଦିବସ ଅବସରରେ 'ମଧୁଜ୍ୟୋତି' ସମ୍ମାନରେ ସମ୍ମାନିତ କରିଥିଲେ। ତାଙ୍କର ଆତ୍ମଜୀବନୀ 'ମାଇ ଷ୍ଟ୍ରଗଲ' ପାଇଁ ସେ ବେଶ୍ ଚର୍ଚ୍ଚିତ ଥିଲେ। ତାଙ୍କ ଦେହାନ୍ତର ଖବର ପାଇ ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜ୍ୟ ବିଜେଡି ସଂପାଦକ ତଥା ସାଂସଦଙ୍କ ପ୍ରତିନିଧି ଇଂ ପ୍ରୟାସକାନ୍ତି ସାମଲ, ପୂର୍ବତନ ରାଜସ୍ୱ ମନ୍ତ୍ରୀ ତଥା ୪ ରାୟଙ୍କର ଭଣଜା ମନମୋହନ ସାମଲ, ପୂର୍ବତନ ସାଂସଦ ମଙ୍ଗରାଜ ମଲିକ, ତ୍ୟାଗଭୂମିର ଆବାହକ ଅଜୟ ନାୟକ, ପ୍ରଫେସର ଡ. ବଳରାମ ମିଶ୍ରଙ୍କ ସମେତ ଭଦ୍ରକ ଓକିଲ ସଂଘର ସଭାପତି ଦିଲ୍ଲୀପ ମହାପାତ୍ର ଓ ସଂପାଦକ ସୂର୍ଯ୍ୟକାନ୍ତ କୁଅଁର, ବରିଷ୍ଠ ଆଇନ୍‌ଜୀବୀ ନିରାକାର ଜେନା, ପର୍ଶୁରାମ ଦ୍ୱିବେଦୀ, ରାଧାକାନ୍ତ ନାୟକ, ତୁଷାରକାନ୍ତି ମହାନ୍ତି, ଯତିକାନ୍ତ ନାୟକ, ଦିବ୍ୟସିଂହ ନାୟକ, ରାଧା ଦାସ, ପବନ ଶର୍ମା, ନିତ୍ୟାନନ୍ଦ ଦାସ, ପ୍ରଫୁଲ୍ଲ ରାଉତ, ରାଜକିଶୋର ଦାସ, ଶରତ ମହାପାତ୍ର, ବସନ୍ତ ମହାନ୍ତି, ବସନ୍ତ ଦାସ, ଗଦାଧର ବଳ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଅନ୍ତିମ ଦର୍ଶନ କରି ଈଶ୍ୱରଙ୍କ ନିକଟରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏବଂ ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ସମବେଦନା ଜ୍ଞାପନ କରିଥିଲେ। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ଆଇନ୍‌ଜୀବୀ ପ୍ରଫୁଲ୍ଲ କୁମାର ରାୟ, ଭଦ୍ରକ ଆଇନ୍ ମହାବିଦ୍ୟାଳୟର ଅଧକ୍ଷ ତଥା ତାଙ୍କର ମଧମ ପୁତ୍ର ଡ. ପ୍ରସନ୍ନ ରାୟ, ଓ କନିଷ୍ଠ ପୁତ୍ର ଅଧାପକ ପ୍ରଦୀପ୍ତ ରାୟଙ୍କ ସମେତ ଝିଅ-ଜ୍ୱାଇଁ, ନାତି-ନାତୁଣୀ ଉପସ୍ଥିତ ଥିଲେ। ଭଦ୍ରକ ଓକିଲ ସଂଘ ପକ୍ଷରୁ ତାଙ୍କ ମର ଶରୀରକୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନିଆଯାଇ ଓକିଲ ସଂଘ ଓ ଅଦାଲତ ପରିସରସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟ ପରିକ୍ରମା କରାଯିବା ପରେ ତାଙ୍କ ଜନ୍ମସ୍ଥାନ ବଳଭଦ୍ରପୁରକୁ ନିଆଯାଇ ସଂସ୍କାର କରାଯାଇଛି। ତାଙ୍କର ନାତି ରୌମ୍ୟଦର୍ଶନ ରାୟ ମୁଖାଗ୍ନି ଦେଇଥିଲେ।

## ଓସ୍ୱାସ ଜରିଆରେ ଫାଇଲ କାର୍ଯ୍ୟର ଶୁଭାରମ୍ଭ

ଭୁବନେଶ୍ୱର,୨୧ (ନି.ପ୍ର): ରାଜ୍ୟର ପ୍ରଥମ ଜିଲ୍ଲା ଭାବେ ଖୋର୍ଦ୍ଧା ଜିଲ୍ଲାରେ ଓସ୍ୱାସ ସିଷ୍ଟମ ପ୍ରଚଳନ କରାଯାଇଛି। ଶାଜ୍ୟ ଲୋକସେବା ଭବନ ତଥା ନିର୍ଦ୍ଦେଶାଳୟ ମାନଙ୍କରେ ବର୍ତ୍ତମାନ ଏହି ଓସ୍ୱାସ୍ ସିଷ୍ଟମ ମାଧ୍ୟମରେ କାର୍ଯ୍ୟ କରାଯାଇଛି। କାଗଜ ବିହିନ ଫାଇଲ ପ୍ରଚଳନ ଏବଂ କାର୍ଯ୍ୟ ପ୍ରଣାଳୀ ଏହି ୱେବ୍‌ସାଇଟର ପ୍ରମୁଖ ବିଶେଷତ୍ୱ। ଓସ୍ୱାସ୍ ମାଧ୍ୟମରେ ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ଏବଂ ସମୟାନୁଯାୟୀ ହୋଇଥାଏ। ଜିଲ୍ଲାପାଳ ଖୋର୍ଦ୍ଧା ସନତ କୁମାର ମହାନ୍ତି ଆଜି ଏହି ଓସ୍ୱାସ୍ ସିଷ୍ଟମ ମାଧମରେ ଅଫିସର କାର୍ଯ୍ୟ ପରିଚାଳନାକୁ ଆରମ୍ଭ କରିଛନ୍ତି। ପର୍ଯ୍ୟାୟକ୍ରମେ ଏହାକୁ ଜିଲ୍ଲାର ସମସ୍ତ ଅଫିସକୁ ସଂପ୍ରସାରଣ କରିବା ନିମନ୍ତେ ଯୋଜନା ଥିବା କହିଛନ୍ତି। କୋଭିଡ୍ ମହାମାରୀ ଭଳି ସମୟରେ ମଧ୍ୟ ଜନସାଧାରଣଙ୍କ ସେବା ଏବଂ ହିତ ଉଦ୍ଦେଶ୍ୟରେ ଏହି ସଫ୍ଟୱେୟାର ମାଧ୍ୟମରେ ସରକାରୀ କାର୍ଯ୍ୟକୁ ନିରନ୍ତର ସେବା ଏବଂ ହିତ ଉଦ୍ଦେଶ୍ୟରେ ଏହି ସଫ୍ଟୱେୟାର ମାଧ୍ୟମରେ ସରକାରୀ କାର୍ଯ୍ୟକୁ ନିରନ୍ତର ଚଳାଇବା ନିମନ୍ତେ ଏହି ପଦକ୍ଷେପ ଖୁବ୍ କମ୍ ସମୟ ମଧରେ ଆରମ୍ଭ କରାଯାଇଅଛି।

# ପରମେଶ୍ୱର ମୁଣ୍ଡ ଡଟ୍ ଇନ୍ ଲୋକାର୍ପିତ

ଭବାନୀପାଟଣା,୨୧ (ନି.ପ୍ର): ବିଶିଷ୍ଟ ଲୋକସଂସ୍କୃତି ଗବେଷକ, ନାଟ୍ୟକାର, ନିର୍ଦ୍ଦେଶକ, ଭାଷାବିତ୍, କବି, ଅଧ୍ୟାପକ ପରମେଶ୍ୱର ମୁଣ୍ଡଙ୍କ ପୋର୍ଟଫୋଲିଓ ୱେବ୍‌ସାଇଟ୍ ପରମେଶ୍ୱରମୁଣ୍ଡ.ଇନ୍ (www.parameswarmund.in) ଲୋକାର୍ପିତ ହୋଇଯାଇଛି। ଭବାନୀପାଟଣା ହିଲ୍‌ଟାଉନ୍‌ରେ ଏକ ନିରାଡମ୍ବର ସମାରୋହରେ ଏହା ଲୋକାର୍ପିତ ହୋଇଥିଲା। ଏଥିରେ ଯୁବ ଲେଖକ ସୁଧୀର କୁମାର ଧଙ୍ଗଡ଼ାମାଝୀ, ଡିଲେଶ୍ୱର ରଣା, ଜିତେନ୍ଦ୍ର କୁମାର ସାହୁ, ଦୟା ସିଂ ମାଝୀ, ସୁଧାଂଶୁ ଶେଖର ପଣ୍ଡା, ଶ୍ରୀ ମୁଣ୍ଡଙ୍କ ଧର୍ମପତ୍ନୀ ସନ୍ଧ୍ୟା ମୁଣ୍ଡ, ପୁତ୍ର ଏକାନ୍ତ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରୀ ମୁଣ୍ଡ ଏକାଧାରରେ କବିତା ଓ ନାଟକ ରଚନା, ନିର୍ଦ୍ଦେଶନା ସହ ଆଦିବାସୀ ଲୋକସଂସ୍କୃତି ତଥା ଓଡ଼ିଆ ଓ ଆଞ୍ଚଳିକ ଭାଷା ଉପରେ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିସାରିଛନ୍ତି। ତାଙ୍କର ୨୦ରୁ ଊର୍ଦ୍ଧ୍ୱ ନାଟକ ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରଦର୍ଶିତ ହୋଇ ଅଜସ୍ର ଲୋକପ୍ରିୟତା ହାସଲ କରିଥିବାବେଳେ ଆକାଶବାଣୀ ଓ ଦୂରଦର୍ଶନରୁ ଜାତୀୟ ସ୍ତରର ପୁରସ୍କାର ପାଇଛି। ଏକଦା ଆକାଶବାଣୀରେ ଉଦ୍‌ଘୋଷକ ଭାବେ କାର୍ଯ୍ୟ କରିଥିବା ଶ୍ରୀ ମୁଣ୍ଡଙ୍କର ଆର୍‌କାଇଭ୍ ମୂଲ୍ୟ ଥିବା ଦୁଇଟି ଧାରାବାହିକ ଆକାଶବାଣୀରୁ ପ୍ରସାରିତ ହୋଇଥିବା ବେଳେ ଦୂରଦର୍ଶନରେ ପଚାଶରୁ ଊର୍ଦ୍ଧ୍ୱ ବୃତ୍ତଚିତ୍ର ପ୍ରସାରିତ ହୋଇଛି। ତାଙ୍କ ନାଟକମାନଙ୍କରେ ଆଦିବାସୀ ଜନଜୀବନର ସମସ୍ୟା ତଥା ସାଂପ୍ରତିକ ବିଶ୍ୱର ବିଭିନ୍ନ ପ୍ରସଙ୍ଗ ସ୍ଥାନୀତ ହୋଇଥାଏ। ୧୯୯୯ରେ ତାଙ୍କର ପ୍ରଥମ କବିତା ସଂକଳନ 'ସନ୍ଧିବିଚ୍ଛେଦ' ପ୍ରକାଶ ପାଇଥିବା ବେଳେ ତାଙ୍କ ରଚିତ ଓ ସମ୍ପାଦିତ ଅନେକ ପୁସ୍ତକ ପ୍ରକାଶିତ ହୋଇସାରିଛି। ନିକଟ ଭବିଷ୍ୟତରେ ତାଙ୍କର 'କଳାହାଣ୍ଡିଆ ଶବ୍ଦକୋଷ' ପ୍ରକାଶ ପାଇବାକୁ ଯାଉଥିବା ବେଳେ ବର୍ତ୍ତମାନ ସେ 'ପଶ୍ଚିମ ଓଡ଼ିଶା ଏନ୍‌ସାଇକ୍ଲୋପିଡିଆ' ପ୍ରସ୍ତୁତିରେ ସାଧନାରତ।

# ବାଲେଶ୍ୱରରେ ଆଉ ୧୧ ଆମ୍ବୁଲାନ୍ସର ସେବା ଆରମ୍ଭ



ବାଲେଶ୍ୱର,୨୧ (ନି.ପ୍ର): ସହଜ ଓ ଅବିଳମ୍ବେ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସକାରଙ୍କ ମିଳିତ ଆନୁକୂଲ୍ୟରେ ବାଲେଶ୍ୱର ଜିଲାରେ ଆଉ ୧୧ ଗୋଟି ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଗତ ଶୁକ୍ରବାର ଦିନ ରାଜ୍ୟସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଥିବା ବେଳେ ଶନିବାର ବାଲେଶବର ମୁଖ୍ୟ ଚିକିତ୍ସାଳୟରେ ଏହି ସେବା ଆରମ୍ଭ କରାଯାଇଛି। ଏନେଇ ଜିଲାମୁଖ୍ୟ ଚିକିତ୍ସାଳୟ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଏହି ଆମ୍ବୁଲାନ୍ସ ସେବାକୁ ଉଦଘାଟନ କରିଥିଲେ। ଜିଲାମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ ଜଗଦେବ, ସହ-ଚିକିତ୍ସାଧିକାରୀ ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ, ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ର, ଡିପିଏମ ଅନୀଲ କୁମାର ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଜିଲାର ଲୋକସଂଖ୍ୟାନୁସାରେ ପୂର୍ବରୁ ସେବା ପ୍ରଦାନ କରିଆସୁଥିବା ୨୭ ଗୋଟି ୧୦୮ଆମ୍ବୁଲାନ୍ସ ପର୍ଯ୍ୟାପ୍ତ ନଥିବା ବେଳେ ଏହି ୧୧ ଗୋଟି ଆମ୍ବୁଲାନ୍ସ ଲୋକଙ୍କ ଉଚିତ ସେବା ଯୋଗାଇବାରେ ସହାୟକ ହେବ ବୋଲି ସିଡିଏମଓ ଡାକ୍ତର ଜଗଦେବ ଆଶା ପ୍ରକାଶ କରିଛନ୍ତି। ଏହି ୧୧ ଗୋଟି ୧୦୮ ଆମ୍ବୁଲାନ୍ସ ମଧ୍ୟରୁ ବାଲେଶ୍ୱର ପୌରାଞ୍ଚଳ ପାଇଁ ୩ ଟି, ସଦର ବ୍ଲକ ଅଞ୍ଚଳ ପାଇଁ ୨ଟି, ଏବଂ ଜଳେଶ୍ୱର, ସୋର, ବସ୍ତା, ବାଲିପାଳ, ନୀଳଗିରି ଓ ବାହାନଗା ବ୍ଲକ ପାଇଁ ଗୋଟିଏ ଲେଖାଏଁ ପ୍ରଦାନ କରାଯାଇଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲ୍ଲା କଂଗ୍ରେସ ପକ୍ଷରୁ କଳିଙ୍ଗନଗର ଆଦିବାସୀ ଗଣହତ୍ୟା ଶ୍ରଦ୍ଧାଞ୍ଜଳି ଦିବସ ପାଳିତ



ଭଦ୍ରକ,୨୧ (ନି.ପ୍ର): ଗତ ୨୦୦୬ ମସିହା ଆଜିର ଦିନରେ ଯାଜପୁର ଜିଲ୍ଲା କଳିଙ୍ଗନଗରଠାରେ ଘଟିଥିବା ଲୋମହର୍ଷଣକାରୀ ଆଦିବାସୀଙ୍କ ଗଣହତ୍ୟାର ୧୫ ବର୍ଷପୂର୍ତ୍ତି ଅବସରରେ ଜିଲ୍ଲା କଂଗ୍ରେସ ପକ୍ଷରୁ କଳିଙ୍ଗନଗର ଗଣହତ୍ୟା ଶ୍ରଦ୍ଧାଞ୍ଜଳି ଦିବସ ପାଳିତ ହୋଇଛି। ଏଥି ଉପଲକ୍ଷେ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସ ନେତୃତ୍ୱ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଦାସ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୌରୋହିତ୍ୟ କରିବା ସହିତ ଉଦ୍‌ବୋଧନ ଦେଇ ରାଜ୍ୟର ବିଜେଡି ସରକାର ହେଉଛନ୍ତି ଆଦିବାସୀଙ୍କ ହତ୍ୟାକାରୀ। ନିଜର ହକ୍ ପାଇଁ ଶୀତ କାକରରେ ପଡି ରହି ମାଟି ମାତୃକାର ରକ୍ଷା କରିବାକୁ ଜିଦ୍ ଧରି ବସିଥିବା କଳିଙ୍ଗ ନଗରର ନୀରିହ ଆଦିବାସୀଙ୍କୁ ଯେଉଁ ଭଳି ଭାବରେ ବିଜେଡି ଗୁଣ୍ଡା ଲଗାଇ ଲୋମହର୍ଷଣ ହତ୍ୟା କରିଥିଲା, ତାହା ଓଡ଼ିଶା ଇତିହାସର ଏକ କଳଙ୍କିତ ଅଧ୍ୟାୟ ବୋଲି କହିଥିଲେ। ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତିଙ୍କ ତାଙ୍କ ଅଭିଭାଷଣରେ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିବା କରିବା ସହିତ କଳିଙ୍ଗନଗର ହତ୍ୟାକାଣ୍ଡର ଶିକାର ହୋଇଥିବା ଆଦିବାସୀ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହିତ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ନିବେଦନ କରିଥିଲେ। ଏହି ସଭାରେ ବାସୁଦେବପୁର ନେତା ଅଶୋକ ଦାସ, ଚାନ୍ଦବାଲି ନେତା ଦିଗମ୍ବର ଦାସ, ଧାମନଗର ନେତା ବିଦ୍ୟାଧର ଯେନା ଯୋଗ ଦେଇ ନବୀନ ସରକାର ରାଜ୍ୟର ଆଦିବାସୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଭୁଆଁ ବୁଲେଇ ଚାଲିଛନ୍ତି। ସରଳତାର ସୁଯୋଗ ନେଇ ସେମାନଙ୍କ ହକ୍ ଛଡାଇ ନେଉଛି। ଏହାକୁ କଂଗ୍ରେସ ପ୍ରତିବାଦ କରିଆସିଛି ଏବଂ ଆଗାମୀ ଦିନରେ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମହିଳା କଂଗ୍ରେସ ନେତ୍ରୀ ସବିତା ଚନ୍ଦ, ବରିଷ୍ଠ ନେତା ଦିଲିପ ନାୟକ, ଅବଦୁଲ ମୁକିତ ଖାଁ, ପ୍ରଫୁଲ୍ଲ ସାମଲ, ଅସ୍‌ରଫ୍ ଅଲ୍ଲୀ ଖାଁ, ବାବୁଲି ଚାନ୍ଦ, ପୀତବାସ ଧଳ, ସେକ୍ ସମ୍‌ଦାନୀ, ଆଶିଷ ରାଉତ, ରାଜୀବଗାନ୍ଧୀ ପଞ୍ଚାୟତରାଜ ସଂଗଠନ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ଦାସ, ଟାଉନ ସଭାପତି ବିଜୟ ବାରିକ, ବିଜୟ ଶଙ୍କର ମହାନ୍ତି, ନିଶିକାନ୍ତ ନାୟକ, ଅମୂଲ୍ୟ ବେହୁରିଆ, ଅଜୟ ଦାସ, ବୈଲୋଚନ ପଣ୍ଡା ପ୍ରମୁଖ ସାମଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଗୋଶାଳାପଦା ଶ୍ରୀଜଗନ୍ନାଥ ମନ୍ଦିରରେ ଯଜ୍ଞ-ନାମ ସଂକୀର୍ତ୍ତନ



ବାଲେଶ୍ୱର,୨୧ (ନି.ପ୍ର): ପ୍ରତିବର୍ଷ ଭଳି ବାଲେଶ୍ୱର ସହରର ସହଦେବଖୁଣ୍ଟା ଗୋଶାଳାପଦା ଶ୍ରୀଜଗନ୍ନାଥ ମନ୍ଦିରରେ ବାର୍ଷିକ ଯଜ୍ଞ ଓ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ନବବର୍ଷ ଅବସରରେ ପ୍ରତ୍ୟୁଷରୁ ବିଶେଷ ନୀତିପୂଜା ସାଙ୍ଗକୁ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ନାମସଂଗୀର୍ତ୍ତନ, ହରିକଥା ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ଯଜ୍ଞପୂର୍ଣ୍ଣାହୁତି ପରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଗୋଶାଳାପଦା, ଫିରିଙ୍ଗିପାଟଣା, ସହଦେବଖୁଣ୍ଟା ସମେତ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସଂଧ୍ୟା ଆରତୀ ସହିତ ପ୍ରବଚନ କାର୍ଯ୍ୟକ୍ରମରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଭରତ ରାଉତ, ଗଣେଶ୍ୱର ସାହୁ, ପ୍ରଫୁଲ୍ଲ ରାଉତ, କମଳାକାନ୍ତ ବେହେରା, ରବିନାରାୟଣ ପଣ୍ଡା, ବିଶ୍ୱନାଥ ବର ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୩ ଜାନୁଆରୀ, ୨୦୨୧
email : rabibarachayan2015@gmail.com
ସ୍ବଚୟନ ସ୍ବଚୟନ ସ୍ବଚୟନ ସ୍ବଚୟନ ସ୍ବଚୟନ ସ୍ବଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୯

ଏହା ଉତ୍ତାରେ ପୂଜାଛୁଟିରେ ସମ୍ବଲପୁରକୁ ଆସି ଯାହା ଦେଖିଲି ତହିଁରେ ମୋ ମନରେ ଅତ୍ୟନ୍ତ ତୃପ୍ତି ଜାତହେଲା । ଲକ୍ଷ୍ମୀନାରାୟଣ ସିଂହ ସମ୍ବଲପୁର ଜିଲ୍ଲା ସ୍କୁଲ୍‌ରେ ଭର୍ତ୍ତି ହୋଇଛନ୍ତି । ମୋତେ ଦେଖିଲା ମାତ୍ରକେ ହାତଯୋଡ଼ି ନମସ୍କାର କଲେ । ଚାକରବାକର ନେଇ ଗୋଟିଏ ସ୍ୱତନ୍ତ୍ର ବସାକରି ରହିଛନ୍ତି । ମୋ ପରିଚିତ ଜିଲ୍ଲାସ୍କୁଲର ଶିକ୍ଷକମାନଙ୍କଠାରୁ ପଢ଼ାପଢ଼ିରେ ତାଙ୍କ ମନଯୋଗ ଓ ସଦ୍‌ବ୍ୟବହାର ବିଷୟ ମଧ ଶୁଣିଲି । ୧୯୦୯ ମସିହାରେ ସବ୍‌ଡେପୁଟି କଲେକ୍ଟର ପଦରେ ସମ୍ବଲପୁରରେ ଅବସ୍ଥାପିତ ହୋଇ ରହିଲି । ସେହି ସମୟରେ ଧ୍ରୁବରାଜ ସିଂହ ପୁତ୍ରର ଶିକ୍ଷାଭାର ଅର୍ପଣ କରି ମୋତେ ତାହାଙ୍କ ଅଭିଭାବକତ୍ୱ ପ୍ରଦାନ କଲେ । ମୁଁ ମଧ ତାହାଙ୍କ ବିଶେଷ ଯତ୍ନ କରିବାକୁ ଲାଗିଲି । ଯଥା ସମୟରେ ସେ କୃତିତ୍ୱ ସହକାରେ ମେଟ୍ରିକ୍ୟୁଲେଶନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଆଇ.ଏ., ବି.ଏ. ଓ ପରିଶେଷରେ ବି.ଏଲ୍. ପରୀକ୍ଷାରେ ମଧ ଉତ୍ତୀର୍ଣ୍ଣ ହେଲେ ଏବଂ କେତେକ ବର୍ଷ ଷ୍ଟେଟ୍‌ର ସିଭିଲ୍ ଅଫିସର ପଦରେ ନିଯୁକ୍ତ ହୋଇ ରହିଲେ । ସେ ଆଉ ଇହଜଗତରେ ନାହାଁନ୍ତି । ଜମିଦାର ଚନ୍ଦ୍ରଶେଖର ସିଂହ ମଧ ନାହାଁନ୍ତି । ଅଛନ୍ତି ତାଙ୍କ ତିନିପୁତ୍ର । ଦେଶର ନବ ପରିସ୍ଥିତିରେ ଜମିଦାରୀ ମଧ ଆଉ ନାହିଁ। ଜମିଦାର ପରିବାରର ବିଭବ ସୁଦ୍ଧା ଲୁପ୍ତ ହୋଇଅଛି । ଆଜି ଭଗ୍ନ, ବିଧ୍ୱସ୍ତ ରାଜପ୍ରାସାଦ ଦେଖିଲେ ମନେହୁଏ- କାଳର କି ଦୁର୍ଦ୍ଦମନୀୟ ପ୍ରଭାବ !

ପୁଣି ଆଜି ମନେହୁଏ, ସେ କାଳର ଲୋକଙ୍କ ଜୀବନଯାପନ ପ୍ରଣାଳୀ । ଗ୍ରାମର ଅଧିକାଂଶ ଲୋକେ ଚାଷୀ ଥିଲେ। କିନ୍ତୁ କାହାରି ଅବସ୍ଥା ସ୍ୱଚ୍ଛଳ ନଥିଲା । ଜମିଦାର ପରିବାରର ବଦାନ୍ୟତା ଉପରେ ଅନେକେ ନିର୍ଭର କରୁଥିଲେ । ଗ୍ରାମରେ ଅଫିମ କେବଳ ଗ୍ରାମବାସୀଙ୍କ ସର୍ବନାଶ ସାଧନ କରୁଥିଲା । ଆଜିକାଲି ଅଫିମର ମୂଲ୍ୟ ତୋଳାକୁ ଦଶ- ଏଗାର ଟଙ୍କା । ସେ ସମୟରେ ମୂଲ୍ୟ ଥିଲା ମାତ୍ର ପାଞ୍ଚଅଣା । ଏ ଅଞ୍ଚଳରେ ଲୋକଙ୍କ ବିଶ୍ୱାସ, ଶିଶୁ ପକ୍ଷରେ ଅଫିମ ରୋଗର ଧନ୍ୱନ୍ତରୀ । ସଦ୍ୟ-ପ୍ରସୂତ ଶିଶୁକୁ ଅଫିମ ଦିଆଯାଏ । ଏଥିରେ ସେ ଶୋଇପଡ଼େ ଓ ମା' ଘରକାମ କରିବାକୁ ସମୟ ପାଏ । ଆଧୁନିକ ସରକାର ଦେଶରୁ ଅଫିମ ବିକ୍ରୟ ବନ୍ଦ କରି ଦେଶବାସୀଙ୍କର ପରମ କଲ୍ୟାଣ ସାଧନ କରିଅଛନ୍ତି ।

ସେହି ସମୟରେ ସବୁ ଜିନିଷ ଶସ୍ତା ଥିଲା । ଚାଉଳ ଥିଲା ଟଙ୍କାକୁ ଦୁଇ ଖଣ୍ଡି (ଏକ ମହଣ) ଏବଂ ଏହି ଅନୁପାତରେ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ । ଜିନିଷପତ୍ରର ପର୍ଯ୍ୟାପ୍ତି, କିନ୍ତୁ ପଇସାର ଅଭାବ ଥିଲା । କଉଡ଼ି ପ୍ରଚଳିତ ଥିଲା । 'ହଟଲୀ'କୁ ପଇସାଟିଏ ନେଇ ଜଣେ ଗରିବ ଗୃହସ୍ଥ ତିନିବୋଡି କଉଡ଼ିରେ ଓଳିକର ଲୁଣ, ତେଲ, ସୋରିଷ, ପରିବା ଆଣି ଚଳିପାରୁଥିଲା । ଉଚ୍ଚଶିକ୍ଷା ସକାଶେ ଲୋକଙ୍କ ସୁବିଧା ବା ଆଗ୍ରହ ନଥିଲେ ହେଁ ପାଟଣା ଷ୍ଟେଟ୍ ମଧରେ ଆଗଲପୁରବାସୀ ସେହି ସମୟରେ ସୁଦ୍ଧା ସାଧାରଣ ଶିକ୍ଷାପ୍ରାପ୍ତ ହୋଇ ଶାସନର ବିଭିନ୍ନ ବିଭାଗରେ ନିଯୁକ୍ତିପ୍ରାପ୍ତ ହେଉଥିଲେ । ପୂର୍ବେ ଯେପରି ଅଳ୍ପ ଶିକ୍ଷା ପ୍ରାପ୍ତ, ଆଜି ସେହିପରି ଉଚ୍ଚଶିକ୍ଷାପ୍ରାପ୍ତ ଗ୍ରାମବାସୀ ସମାଜର ବିଭିନ୍ନ ବିଭାଗରେ ଉପଯୁକ୍ତ ସ୍ଥାନ ଗ୍ରହଣ କରିଅଛନ୍ତି, ସେମାନଙ୍କ ମଧରେ ଉଚ୍ଚପଦସ୍ଥ ରାଜକର୍ମଚାରୀ, ଓକିଲ, ଡାକ୍ତର, କବିରାଜ, ଜ୍ୟୋତିଷ, ସଂସ୍କୃତଜ୍ଞ ପଣ୍ଡିତ ଉଲ୍ଲେଖଯୋଗ୍ୟ ।

## ।। ପାଟଣାରେ ଶିକ୍ଷାପଦ୍ଧତି ।।

ପୂର୍ବେ କୁହାଯାଇଅଛି ଯେ ପାଟଣା ଷ୍ଟେଟ୍‌ରେ ୧୯୦୫ ମସିହା ଅକ୍ଟୋବର ତା ୧୫ରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଶାସନ ପ୍ରବର୍ତ୍ତିତ ଥିଲା । ପଲିଟିକାଲ୍ ଏଜେଣ୍ଟ ରହୁଥିଲେ ଛତିଶଗଡ଼ ବିଭାଗର ରାଜଧାନୀ ରାୟପୁରରେ । ତାଙ୍କ ଅଧୀନରେ ଥିଲା ପାଟଣା, ସୋନପୁର, କଳାହାଣ୍ଡି, ବାମଣ୍ଡା ଓ ରେଢ଼ାଖୋଲ- ଏହି ପାଞ୍ଚଟି ଓଡ଼ିଆ ରାଜ୍ୟ । ପାଟଣା ଷ୍ଟେଟ୍‌ର ସମସ୍ତ ସ୍କୁଲ୍ ଥିଲା ଉଚ୍ଚ ପ୍ରାଥମିକ; କେବଳ ବଲାଙ୍ଗିରରେ ଏକମାତ୍ର ମଧ-ଇଂରାଜୀ ସ୍କୁଲ ଥିଲା । ଉଚ୍ଚ ପ୍ରାଇମେରୀ ସ୍କୁଲ୍‌ରେ ଚାରିଶ୍ରେଣୀ; ପ୍ରଥମ ଶ୍ରେଣୀରେ ବର୍ଣ୍ଣ ଶିକ୍ଷା ଆରମ୍ଭ କରି ପ୍ରଥମପାଠ, ଷୋହଳ ଖନ୍ଦା ପର୍ଯ୍ୟନ୍ତ ପଣକିଆ ଓ ଗଣିତରୁ କିଛି । ଦ୍ୱିତୀୟଶ୍ରେଣୀରେ ସାହିତ୍ୟ ଦ୍ୱିତୀୟ ପାଠ ଓ ଗଣିତ; ତୃତୀୟ ଶ୍ରେଣୀରେ ସାହିତ୍ୟ ତୃତୀୟ ପାଠ, ଆହୁରି ଉଚ୍ଚ ଗଣିତ ଓ ଚତୁର୍ଥ ଶ୍ରେଣୀରେ ଚତୁର୍ଥ ପାଠ, ଗଣିତ, ମଧ୍ୟପ୍ରଦେଶର ସମୁଦାୟ ଓ ଭାରତବର୍ଷର କିଛି ଭୂଗୋଳ ଓ ସ୍ୱାସ୍ଥ୍ୟରକ୍ଷା ପଢ଼ା ହେଉଥିଲା । ତୃତୀୟ ଓ ଚତୁର୍ଥ ଶ୍ରେଣୀର ସାହିତ୍ୟ କିଛି ଉଚ୍ଚସ୍ତରର, ଗଦ୍ୟାଂଶ ସୀତାନାଥ ରାୟଙ୍କ ପ୍ରଣୀତ ଓ ପଦ୍ୟାଂଶରୁ କବିବର ରାଧାନାଥ ରାୟଙ୍କ ନନ୍ଦିକେଶ୍ୱରୀ, ପ୍ରଭାତ ବର୍ଣ୍ଣନା, ଚନ୍ଦ୍ରଭାଗାର ସମୁଦ୍ରକୂଳରେ ସନ୍ଧ୍ୟା, ପାର୍ବତୀର ସର୍ବଗ୍ରାସୀ କାଳ, ଶିବାଜୀଙ୍କର ଉତ୍ସାହବାଣୀ, ମହାଯାତ୍ରାରୁ କିଛି ସନ୍ନିବିଷ୍ଟ ଥିଲା । ସେହି ସମୟରେ ଶିକ୍ଷକମାନଙ୍କୁ ଶିକ୍ଷକତା ସମ୍ବନ୍ଧରେ କୌଣସିଠାରେ ଶିକ୍ଷାଦେବା ବ୍ୟବସ୍ଥା ନଥିଲା । ତତ୍କାଳୀନ ନିୟମାନୁସାରେ ଅପର ପ୍ରାଇମେରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆଉ ଦୁଇବର୍ଷ ପଢ଼ି ଯେଉଁମାନେ ମଧ ଓଡ଼ିଆ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିଲେ ସେମାନେ ଶିକ୍ଷକତା ସକାଶେ ଉପଯୁକ୍ତ ବିବେଚିତ ହୋଇ ଶିକ୍ଷକ କାର୍ଯ୍ୟରେ ନିଯୁକ୍ତ ହେଉଥିଲେ । ଉଚ୍ଚ ପ୍ରାଇମେରୀ ସ୍କୁଲର ଦରମା ଥିଲା, ପ୍ରଧାନ ଶିକ୍ଷକଙ୍କର ଆଠ, ନଅ ଟଙ୍କା ଓ ତାଙ୍କ ସହକାରୀ ଶିକ୍ଷକଙ୍କର ପାଞ୍ଚଟଙ୍କା । ପ୍ରାୟ ପ୍ରତ୍ୟେକ ସ୍କୁଲରେ ଜଣେ ଲେଖାଏଁ ଉଚ୍ଚ ପ୍ରାଇମେରୀ ପାସ୍ କରା 'ମନିଟର୍' ରହୁଥିଲେ । ତାଙ୍କ ଦରମା ଦୁଇଟଙ୍କା । ମନିଟର୍‌ଙ୍କ ପ୍ରଧାନ କାମ ଥିଲା ପିଲାଙ୍କୁ ସ୍କୁଲକୁ ଡାକି ଆଣିବା ଓ ତଳ ଶ୍ରେଣୀରେ କିଛି କିଛି ପଢ଼ାଇବା । ସମଗ୍ର ଷ୍ଟେଟ୍‌ର ଶିକ୍ଷକମାନଙ୍କ ମଧରେ କାର୍ଯ୍ୟରେ ପ୍ରତିଯୋଗିତାର ବ୍ୟବସ୍ଥା ଥିଲା । ନିଜ ନିଜ ସ୍କୁଲର ଉଚ୍ଚ ପ୍ରାଇମେରୀ ପରୀକ୍ଷାର ଫଳ ଉପରେ ସେମାନଙ୍କ ବେତନର ପରିମାଣ ନିର୍ଦ୍ଦିଷ୍ଟ ହେଉଥିଲା । ଏହି ନିୟମାନୁସାରେ ପ୍ରତିବର୍ଷ ସେମାନଙ୍କ ବେତନ-ପରିବର୍ତ୍ତନ ହେଉଥିଲା । ଅର୍ଥାତ୍ ସମଗ୍ର ଷ୍ଟେଟ୍‌ର ଶିକ୍ଷକମାନଙ୍କ ବେତନ ସକାଶେ ବଜେଟ୍‌ରେ ନିର୍ଦ୍ଦିଷ୍ଟ ହୋଇଥିବା ଟଙ୍କାରୁ ଯେ ଯେତେ ବେତନ ପାଉଥିଲେ । ଯାହାର ସ୍କୁଲ୍‌ର ଫଳ ଭଲ ହେଉଥିଲା, ସେ ଉଚ୍ଚ ହାରରେ ବେତନ ପାଉଥିଲେ । ଉଚ୍ଚହାରରେ ବେତନ ପାଉଥିବା ଶିକ୍ଷକଙ୍କ ସ୍କୁଲର ଫଳ କୌଣସି ବର୍ଷ ଭଲ ନହେଲେ ତାଙ୍କ ଦରମାରୁ କାଟି ପୂର୍ବକଥିତ ଶିକ୍ଷକଙ୍କ ଦରମା ସେହି ପରିମାଣରେ ବୃଦ୍ଧି ହେଉଥିଲା । ଏଥି ସକାଶେ ଶିକ୍ଷକମାନେ ପ୍ରାଣପଣେ ଲାଗି ପିଲାଙ୍କୁ ଯତ୍ନ ନେଇ ପଢ଼ାଉଥିଲେ, ଯେହେତୁ ଅଯତ୍ନର ଫଳ ସେମାନଙ୍କୁ ସଦ୍ୟ ଭୋଗ କରିବାକୁ ହେଉଥିଲା ।

ପିଲାମାନଙ୍କର ସୁଦ୍ଧା ପାଠରେ ହେଳା କରିବା ଉପାୟ ନଥିଲା ଓ ଏହି ଦିଗରେ ପିଲାଙ୍କ ଅଭିଭାବକମାନେ ବି ସଯତ୍ନ ହେଉଥିଲେ । ପିଲା ଥରେ ସ୍କୁଲରେ ନାମ ଲେଖାଇଲେ ସ୍କୁଲର ବନ୍ଧନ ମଧରେ ଜଡ଼ିତ ହେଉଥିଲେ। ଯେଉଁ ଗ୍ରାମରେ ସ୍କୁଲ ସ୍ଥାପିତ ହେଉଥିଲା ସେହି ଗ୍ରାମରେ ପିଲାଙ୍କୁ ପଢ଼ିବା ପାଇଁ ବାଧ କରା ହେଉଥିଲା । ଅନୁପସ୍ଥିତି ଓ ପାଠରେ ଅବହେଳା ବ୍ୟାଧିର ଔଷଧ ନିର୍ମମ ମାଡ଼, ବେତ୍ରାଘାତ ଓ ଶିକ୍ଷକ ବିଶେଷଙ୍କ ଦ୍ୱାରା ଆବିଷ୍କୃତ ଦଣ୍ଡ, ବୈଠକ, ନାନାପ୍ରକାର ଆସନ ଓ ଅବୟବ- ଚାଳନ ବ୍ୟବସ୍ଥା ଥିଲା । ଦୀର୍ଘକାଳ ପର୍ଯ୍ୟନ୍ତ ଅନୁପସ୍ଥିତ ରହୁଥିବା ପିଲାଙ୍କ ଅଭିଭାବକ ମାନଙ୍କୁ ୨୫ ମାଇଲ ଦୂରବର୍ତ୍ତୀ ପାଟଣା ରାଜଧାନୀ ବଲାଙ୍ଗିରକୁ ଧରି ନିଆଯାଉଥିଲା ଓ ସେଠାରେ ହାକିମମାନଙ୍କ ଘରେ ଛୋଟ ଚାକରର କାର୍ଯ୍ୟରେ କିଛିଦିନ ରହିଲା ପରେ ମୁଚାଲିକା ନେଇ ଅଥବା ଅନ୍ୟପ୍ରକାର ଧମକ ଚମକ ଚଳାଇ ଛାଡ଼ି ଦିଆ ହେଉଥିଲା । ତହସିଲଦାର ଓ ଅନ୍ୟାନ୍ୟ ହାକିମମାନେ ସୁଦ୍ଧା ମଫସଲ ଗସ୍ତ ସମୟରେ ସ୍କୁଲ ପିଲାଙ୍କ ଉପସ୍ଥିତି ପ୍ରତି ଦୃଷ୍ଟି ଦେଉଥିଲେ । ପ୍ରାଥମିକ ଶିକ୍ଷା ଥିଲା ସମ୍ପୂର୍ଣ୍ଣ ଅବୈତନିକ, ପକ୍ଷାନ୍ତରେ ଯୋଗ୍ୟ ଗରିବ ପିଲାଙ୍କୁ ବହି, ସ୍ଲେଟ୍ ଆଦି ଦିଆ ହେଉଥିଲା । ଡେପୁଟି ଇନସ୍‌ପେକ୍ଟର ଗସ୍ତ ସମୟରେ ବହି, ସ୍ଲେଟ୍, ଛୁରୀ, ପେନ୍‌ସିଲ୍, କଲମ, ଚାଦର ଆଦି ଆଣୁଥିଲେ ଓ ପିଲାଙ୍କୁ ପରୀକ୍ଷା କରି ଯୋଗ୍ୟତାନୁସାରେ ସେ ସବୁ ସେମାନଙ୍କ ମଧରେ ବିତରଣ କରୁଥିଲେ ।

ଆଗଲପୁର ଉଚ୍ଚ ପ୍ରାଇମେରୀ ସ୍କୁଲର ପ୍ରଧାନଶିକ୍ଷକ ଥିଲେ ଆମ୍ଭ ଗ୍ରାମର ଶ୍ରୀ ଲିଙ୍ଗରାଜ ଗୁରୁ । ଏଡ଼େ ପ୍ରବୀଣ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଆଜିଯାଏ ମୁଁ ଦେଖିନାହିଁ । ତାଙ୍କ ଶିକ୍ଷା ଦେବା ରୀତି ଯେପରି ବିଷୟ ଜ୍ଞାନ ମଧ ସେପରି । ତାଙ୍କ ଶିକ୍ଷାଦାନ ପ୍ରଭାବରେ ସେହି ସମୟରେ ଆଗଲପୁର ସ୍କୁଲ୍ ଷ୍ଟେଟ୍ ମଧରେ ସର୍ବୋଚ୍ଚ କୋଟିର ସ୍କୁଲ ବୋଲି ପରିଚିତ ହୋଇଥିଲା । ଉଚ୍ଚ ପ୍ରାଇମେରୀ ପରୀକ୍ଷାର ଦୁଇ ତିନିମାସ ପୂର୍ବରୁ ପଣ୍ଡିତ ଲିଙ୍ଗରାଜ ଗୁରୁ ଆମ୍ଭମାନଙ୍କୁ ତାଙ୍କ ବାହାର ଘରେ ରାତିରେ ଡିବିରି ଜାଳି ପଢ଼ାଉଥିଲେ । ଆଗଲପୁର ସ୍କୁଲର ପରୀକ୍ଷାଫଳ ଏତେ ଭଲ ହେଉଥିଲା ଯେ, ସେ କେବେ ହେଲେ ବେତନରୁ କିଛି ହରାଇ ନଥିଲେ ।

(କ୍ରମଶଃ)



## ଡାଏରୀ -୪୬



ଓଡିଆ ସାହିତ୍ୟ କ୍ଷେତ୍ରରେ **ଡ. ରଜନୀ ରଂଜନ** ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...

## ।। ନିର୍ମଳ ଭାବମୂର୍ତ୍ତି ।।

ପ୍ରଥମେ ପ୍ରସ୍ତାବଟିକୁ ଅଗ୍ରାହ୍ୟ କରି ଦେଇଥିଲା କିନ୍ତୁ ବନ୍ଧୁମାନଙ୍କ ବାଧବାଧକତାରେ ରାଜିହେଲା ରଜନୀ ଦାଶ । ଜଣେ ଲେଖକର କଲମ କ୍ୟାମେରାଠାରୁ କୌଣସି ଗୁଣରେ କମ୍ ନୁହେଁ, ବାସ୍ ନିଜର କଳ୍ପନାକୁ କ୍ୟାମେରାରେ ଫ୍ରେମ୍ ଭିତରେ ବନ୍ଦୀ କରିବାକୁ ପଡ଼ିବ। ତେବେ ଲେଖାଲେଖିରେ (ଗୀତ କିମ୍ବା ସ୍କ୍ରିପ୍ଟ) ରଜନୀ ଦାଶର ଇଣ୍ଟରେଷ୍ଟ ଅଧିକ । ତେବେ ସତ୍ୟପ୍ରିୟ ମହାନ୍ତିଙ୍କ ଭଳି ଜଣେ ଅଭିଜ୍ଞ ରାଜନେତାଙ୍କ ଉପରେ ଡକୁମେଣ୍ଟାରି କରିବା ରଜନୀ ଦାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ଶ୍ରୀଯୁକ୍ତ ମହାନ୍ତିଙ୍କ ସହ ରଜନୀ ଦାଶର ବ୍ୟକ୍ତିଗତ ସଂପର୍କ ଥିଲା । ଅନେକ ସମୟରେ ଘଣ୍ଟା ଘଣ୍ଟା ଧରି ଶ୍ରୀଯୁକ୍ତ ମହାନ୍ତି ନିଜ ଅତୀତ ଜୀବନ ତଥା ରାଜନୈତିକ ଜୀବନର ଇତିବୃତ୍ତ ବଖାଣି ବସନ୍ତି । ସ୍କ୍ରିପ୍ଟ ପ୍ରସ୍ତୁତ ନିମନ୍ତେ ବିଶେଷ କିଛି ଅସୁବିଧା ଅନୁଭବ କଲାନାହିଁ ରଜନୀ ଦାଶ । ଶ୍ରୀଯୁକ୍ତ ସତ୍ୟପ୍ରିୟ ମହାନ୍ତି ସ୍କ୍ରିପ୍ଟକୁ ପସନ୍ଦ କଲେ ।

ଶୁଭ ମହୁରତ ନିମନ୍ତେ ଦିନ ଧାର୍ଯ୍ୟ ହେଲା । ପ୍ରତିବର୍ଷ ଦଶହରା ଦିନ ଶ୍ରୀଯୁକ୍ତ ମହାନ୍ତିଙ୍କର ଜନ୍ମ ଉତ୍ସବ ଭୁବନେଶ୍ୱର ସ୍ଥିତ ବାସଭବନରେ ପାଳିତ ହୁଏ । ସରକାରଙ୍କର ବରିଷ୍ଠ ମନ୍ତ୍ରୀ, ଅଫିସର, ସାମ୍ବାଦିକ, ସାହିତ୍ୟିକମାନଙ୍କର ସମ୍ମେଳନ ହୁଏ । ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପ୍ରାୟ ପ୍ରତ୍ୟେକ ବର୍ଷ ମୁଖ୍ୟ ଅତିଥି ଭାବରେ ଯୋଗ ଦିଅନ୍ତି ।

ସେ ବର୍ଷ ମଧ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ସତ୍ୟପ୍ରିୟ ଜୟନ୍ତୀରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ନିର୍ଦ୍ଧାରିତ ସମୟରେ ଡକୁମେଣ୍ଟାରୀ ଫିଲ୍ମଟିର କ୍ଲାପ୍ ଦେଇ ଶୁଭାରାମ୍ଭ କଲେ ଜାନକୀ ବାବୁ । ପ୍ରଥମଥର ପାଇଁ ରଜନୀ ଦାଶ ନିର୍ଦ୍ଦେଶକ ଭୂମିକାରେ । ବେଶ୍ ରୋମାଂଚିତ ହୋଇ ପଡ଼ିଥିଲା ।

କିଛି ଅତିଥିଙ୍କର ଇଣ୍ଟରଭ୍ୟୁ ନିଆଗଲା । ସତ୍ୟପ୍ରିୟ ବାବୁଙ୍କ ସଂପର୍କରେ ତାଙ୍କ ସହିତ କାର୍ଯ୍ୟ କରିଥିବା କିଛି ରାଜନୈତିକ ବ୍ୟକ୍ତିତ୍ୱ ତଥା ଅଫିସରମାନଙ୍କ ସହିତ ପରାମର୍ଶ କରାଗଲା । କାର୍ଯ୍ୟକ୍ରମଟି ସୁରୁଖୁରୁରେ ସମାପ୍ତ ହୋଇଗଲା । ଅତିଥିମାନେ ସଭାସ୍ଥଳ ଛାଡ଼ିଲେ । ସତ୍ୟପ୍ରିୟ ବାବୁଙ୍କ ସହ ରଜନୀ ଦାଶ ଆଲୋଚନା କରୁଥାଏ ।

ହଠାତ୍ ଗେଟ୍ ପାଖରେ ସାଇକେଲ ରଖି ଜଣେ ବୟସ୍କ ଲୋକ ପଶିଆସିଲେ । ସାଧାରଣ ଲୁଗା ଓ ପଞ୍ଜାବୀ । ସରଳ ବେଶଭୂଷା । ହାତରେ ଗୋଟିଏ ବ୍ୟାଗ୍ । ସତ୍ୟପ୍ରିୟ ବାବୁଙ୍କୁ ନମସ୍କାର କରି ବ୍ୟାଗ୍‌ରୁ ବହିଟିଏ କାଢ଼ି ଉପହାର ଦେଲେ ।

"ଆପଣଙ୍କୁ ଆଜି ଦିନରେ ଉପହାର ଦେବାପାଇଁ ମୋ ଆତ୍ମଜୀବନୀ ପୁସ୍ତକଟିକୁ ଉଚିତ ମନେକଲି" ବ୍ୟକ୍ତି ଜଣକ କହିଲେ । ସତ୍ୟପ୍ରିୟ ବାବୁ ବହିଟିକୁ ଧରି କହିଲେ, "ଏଇଟା ସାଧାରଣ ପୁସ୍ତକ ନୁହେଁ, ଗତ ଅର୍ଦ୍ଧଶତାବ୍ଦୀର ଓଡ଼ିଶାର ସାମାଜିକ ରାଜନୈତିକ ଓ ସଂଗ୍ରାମର ଇତିହାସ । ଏ ବହିଟିକୁ ସରକାରୀ ପ୍ରୋତ୍ସାହନ ମିଳିବା କଥା ।" ବ୍ୟକ୍ତିଜଣକ ହସି କହିଲେ, "ଆପଣ ଜାଣନ୍ତି ନିଜ ପାଇଁ କୌଣସି କ୍ଷେତ୍ରରେ ମୁଁ କିଛି କହିନାହିଁ, କହିବା ମୋର ନୈତିକତା ବିରୋଧୀ । ଏମିତି ଯିଏ ଯାହା ସାହାଯ୍ୟ କରିବ ସାଦରେ ଗ୍ରହଣ କରିବି ।" ସେ ପର୍ଯ୍ୟନ୍ତ ରଜନୀ ଦାଶ ବୁଝିପାରି ନଥିଲା ସେ ଆଗନ୍ତୁକ ଜଣକ କିଏ, ଯାହାଙ୍କର ଜୀବନୀ ଏତେ ମୂଲ୍ୟବାନ ହେଇପାରେ ।

ରଜନୀ ଦାଶର ମନୋଭାବ ବୁଝିପାରି ସତ୍ୟପ୍ରିୟ ବାବୁ କହିଲେ "ୟାଙ୍କୁ ଚିହ୍ନିଛ ରଜନୀ! ଇଏ ପବିତ୍ର ମୋହନ ପ୍ରଧାନ, ପ୍ରାକ୍ତନ ଉପମୁଖ୍ୟମନ୍ତ୍ରୀ, ପ୍ରଜା ଆନ୍ଦୋଳନର ଅନ୍ୟତମ ସୂତ୍ରଧର । ବଡ଼ ସଂଘର୍ଷମୟ ଜୀବନ ପ୍ରଧାନ ବାବୁଙ୍କର ।"

ପାଦ ଛୁଇଁଲା ରଜନୀ ଦାଶ ପବିତ୍ର ବାବୁଙ୍କର । ଏକଦା ଉପମୁଖ୍ୟମନ୍ତ୍ରୀ ଥିବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜୀବନଚର୍ଯ୍ୟା ଏତେ ସରଳ ଅମାୟିକ ହୋଇପାରେ ସେକଥା ସେ ବିଶ୍ୱାସ କରି ପାରୁନଥିଲା । ବର୍ତ୍ତମାନ ସମୟରେ ଏଭଳି ବ୍ୟକ୍ତିତ୍ୱଙ୍କର ଢେର୍ ଅଭାବ । ପବିତ୍ର ବାବୁଙ୍କ ସଂଘର୍ଷମୟ ଜୀବନ ଆଉ ରାଜନୈତିକ ଜୀବନରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେବା କଥା ଶୁଣିଥିଲା । ସମ୍ମୁଖରେ ଏଭଳି ବ୍ୟକ୍ତିତ୍ୱଙ୍କୁ ପାଇ ନିଜକୁ ଧନ୍ୟ ମନେ କରିଥିଲା । ସେ ବର୍ଷ ନିର୍ମଳ ଭାବମୂର୍ତ୍ତି ଆଳରେ ରାଜ୍ୟମୁଖ୍ୟ କିଛି ତଥାକଥିତ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କୁ ଦଳରୁ ବାଦ ଦେଇଥିଲେ ।

ତେବେ ଆଜି ପର୍ଯ୍ୟନ୍ତ ନିର୍ମଳ ଭାବମୂର୍ତ୍ତିର ସଠିକ ସଂଜ୍ଞାଟିଏ ନିରୂପଣ କରିପାରିନାହିଁ ରଜନୀ ଦାଶ । ସତ୍ୟପ୍ରିୟ ମହାନ୍ତିଙ୍କ ଉପରେ ପ୍ରସ୍ତାବିତ ଡକୁମେଣ୍ଟାରୀ ଫିଲ୍ମ ହୋଇପାରିଲା ନାହିଁ । ରଜନୀ ଦାଶର ନିର୍ଦ୍ଦେଶକ ହେବାର ସ୍ୱପ୍ନ ସ୍ୱପ୍ନରେ ରହିଗଲା । ତେବେ ଏବେବି ଅପେକ୍ଷାରେ ଅଛି ଯଦି ସୁଯୋଗ ମିଳେ ତେବେ କ୍ରିକେଟର, ଫିଲ୍ମଷ୍ଟାରଙ୍କ ବାୟୋପିକ୍ ନିର୍ମାଣ ନକରି ପବିତ୍ରମୋହନ ପ୍ରଧାନଙ୍କ ଭଳି ବିରଳ ନିର୍ମଳ ଭାବମୂର୍ତ୍ତି ଥିବା ବ୍ୟକ୍ତିତ୍ୱଙ୍କ ବାୟୋପିକ୍ ହିଁ କରିବ ।

କବିତା.... ଆମ ସମୟର

## ।। ଦର୍ପଣ-୨ ।।



ଇପ୍‌ସିତା ଷଡ଼ଙ୍ଗୀ

କଥ୍ୟ, ଅକଥ୍ୟ, ଅଣକଥ୍ୟ ଶବ୍ଦମାନଙ୍କ ସେତୁ
ଆମ ଭିତରେ

କେତେବେଳେ କେମିତି ଉଭେଇ ଯାଇଥିଲା
ପବନରେ ମୁଁ ଦେଖି ପାରିନଥିଲି !

ସେଇଦିନଠୁ
ସେଇ ଆଦିମ ପୃଥିବୀର ଆରମ୍ଭ ମୁହୂର୍ତ୍ତକୁ
ସାକ୍ଷୀ କରି
ଶବ୍ଦ-ଅର୍ଥଙ୍କ ଲୁଚକାଳି ଖେଳ

କେବେ ଅର୍ଥସବୁ ଜାଣିଜାଣି
ହଜଉଥିଲେ ନିଜକୁ
ଅନେକ କୋଳାହଳ ଭିତରେ

କେବେ ଶବ୍ଦ
ଅର୍ଥଙ୍କ ଅର୍ଗଳୀରେ ନିଜକୁ
ଯାଯାବର ସଜଉ ସଜଉ
ହାତଧରି ପାର ହେବାକୁ
ଚାହୁଁଥିଲେ ରାସ୍ତା, ମୋର ।।

ଆମେ ଅଚିହ୍ନା ଥିଲେ
ଯୁଗଯୁଗରୁ ସଂପର୍କିତ ବି ।।
କେମିତି କେଜାଣି
ଶବ୍ଦସବୁ ଝରୁଥିଲେ ଝରଣାର
ଖଣ୍ଡବିଖଣ୍ଡିତ ଅଂଗ ପରି
ମୋ ହୃଦୟର ଭାବନା ଭିତରୁ
ପହଂଚୁଥିଲେ କିଛି ଲକ୍ଷ୍ୟରେ, କିଛି
ଅଲକ୍ଷ୍ୟକୁ ବକ୍ଷରେ ବୋହି
ଆଗେଇ ଚାଲିଥିଲେ
ଆଗକୁ ଆଗକୁ, ଆଗକୁ ।

(ଏକ ଦୀର୍ଘ କବିତାର କିୟଦଂଶ)

+ ଅଧ୍ୟାପିକା, ଇଂରାଜୀ ବିଭାଗ
ଗୁହାଳପଡ଼ା, ନିମାପଡ଼ା, ପୁରୀ
ପିନ୍-୭୫୨୧୦୬
ମୋ: ୯୮୬୧୩୩୩୯୪୪

## ।। କୃଷକ ସଙ୍ଗୀତ ।।



କେଦାର ମିଶ୍ର

ତାକୁ କିଏ କହିଥିଲା କି ମାଟିରେ ଜିଆ ହେବାକୁ
ଲଙ୍ଗଳ ଓ କୋଦାଳ ହେବାକୁ
କିଏ ତାକୁ କହିଥିଲା ବିହନ ପରି ତାତି ତାତି ଗଜା ମେଲେଇବାକୁ
ପୁରୁଷ ପୁରୁଷ ଧରି ନିଜ ଦେହକୁ କ୍ଷେତ ଓ ସାର କରି
ପିଡିଆ ଓ କମ୍ପୋଷ୍ଟ କରି
କିଏ କହିଥିଲା ତାକୁ ମାଟି ସାଙ୍ଗରେ ମାଟି ହେବାକୁ ?

ସେ ଖରାରେ ଜଳି ଜଳି ଫାଟିଲା ଶୁଖିଲା ମାଟିରେ
ବର୍ଷାରେ ଓଦା ହୋଇ ହୋଇ ବତୁରିଗଲା ବସୁଧାରେ
ତାର ଫଟା ଗୋଇଠିରେ ସହସ୍ର ଶୀତରାତିର ନିଦ
ତାର ପେଜୁଆ ଆଖିରେ ମହୁଲି ଧୁକା ଓ ବସନ୍ତ।

ସେ ଧାନ ଫଳେଇଲା ତ ତମେ ଖାଇଲା ଭାତ
ସେ ଗହମ କାଟିଲା ତ ତମ ତାୱାରେ ଫୁଲିଲା ରୁଟି
ସେ ଗୋବର ଭିତରେ ଘାଣ୍ଟିହେଲା ତ ତମେ ପିଇଲ ଗରମ କ୍ଷୀର
ସେ ନିଜ ହାଡ ତରଳେଇ ଠିଆ କଲା ଆଖୁ ତ ତମେ ଖାଇଲ ରସଗୋଲା
ସେ ନିଜ ରକ୍ତକୁ ଢାଳିଦେଲା ତମର ସୁଆଦ ଲାଗି।

ତମେ କହୁଛ, କିଏ ତାକୁ କହିଥିଲା କି ଏ ସବୁ କରିବାକୁ
କାହିଁ ସେ ଠିଆ ହୋଇଛି ପତାକା ଧରି ରାସ୍ତାରେ ?
କାହିଁ ସେ ସବୁଜ ରଙ୍ଗର ପଗଡିରେ ଜାଳୁଛି ତୀବ୍ର ମଶାଲ ?
କାହିଁ ସେ ପ୍ରଶ୍ନ ପଚାରୁଛି ସିଂହାସନକୁ ?

ସେ ସେମିତି ସବୁଦିନ
ସେ ଯେମିତି ଜିଆ ଓ ଲଙ୍ଗଳ ହୋଇପାରେ ମାଟିରେ
ସେ ସେମିତି ମଶାଲ ଓ ପ୍ରଶ୍ନବାଚୀ ହୋଇପାରେ ସିଂହାସନ ଆଗରେ

ସେ ଭୋକ ଲାଗି ଯଦି
ମୁଠାଏ ଭାତ ତମର ଥାଳିରେ
ସେ ହୋଇପାରେ ବି ଏକ ଅବାଧ ପତାକା
ତମର ଏକଛତ୍ରବାଦୀ ଦୁର୍ଗରେ।

ସାବଧାନ !! ସେ ତମର କଂକ୍ରିଟ ରାଜଧାନୀକୁ
ହୁଏତ ଗହମ କ୍ଷେତ କରି ଦେଇପାରେ !!!

+ ବିନୋଦିନୀ ନିବାସ, ୨୬୫/୧୭୩୬ଏ
ଶାସ୍ତ୍ରୀ ନଗର, ୟୁନିଟ-୪, ଭୁବନେଶ୍ୱର

## ।। ରାତି ଓ ଅନ୍ଧାର ।।



ଦେବଯାନୀ ତ୍ରିପାଠୀ

ରାତି ଠାରୁ ସାତ ଫର୍ଲଙ୍ଗ ଦୂରରେ
ଶୋଇଥାଏ ଅନ୍ଧାର
ସଞ୍ଜ ନହେଉଣୁ ମାଡି ଆସେ
ହାଣି ପକାଏ କୋଦାଳରେ
ଲୁହ ଓ ଲହୁରେ ଭିଜିଜାଏ ରାତିର ଛାତି
ତେବେ ବି ଅନ୍ଧାର କୁ ଭଲପାଏ ରାତି
ଫୁଟପାଥ ରେ ଘୁମଉ ଥିବା ସେ ପେଟର
ଭୋକରେ ଥାଏ ରାତି

ହୋଟେଲ ବୟର ଗରମ ପାଣିରେ ସିଝିଲା
ଦେହରେ, ନିଷ୍ଠୁର ଅନ୍ଧାରରେ
ମଲମ ଲଗାଏ ରାତି
କେବେପୁଣି ସେଇ ରାତି
ମଖମଲି ଶେଯରେ ଶୋଇଥିବା
ମିସେସ ରାୟଙ୍କ ଅଣ୍ଟାର ଭାଙ୍ଗ ଗଣୁଥାଏ
ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ
ମିଷ୍ଟର ଖୋସଲାଙ୍କ ସାଙ୍ଗରେ

ପୁଣି କେବେ ଡାକିନିଏ
କୋଉ ଜରି ଗୋଟାଉଥିବା ଝିଅକୁ
ବୁଢା ପିଅନ କଡିକୁ
ଚକୋଲେଟ ଦେବା ବାହାନାରେ

ଆଃ ଏସବୁ ତ
ଅନ୍ଧାର ବୋଲିଦିଏ ତା
ଛାତିରେ
ଲୁହ ଓ ଲହୁରେ
କୋଦାଳରେ
ହାଣିପକାଉ ଥିବା ବେଳେ
ପ୍ରେମରେ ?

+୨୬୩୦ ହାଲନ ଷ୍ଟ୍ରୀଟ
ଅଇଡାହୋ ଫଲ୍ସ
ଅଇଡାହୋ
ଯୁକ୍ତରାଷ୍ଟ୍ର ଆମେରିକା

## ମନେପଡେ....(୪୬)

# ଜେଜେଙ୍କୁ ସର୍ପ ଦଂଶନର କାଳ ରାତି




ସୁଗାଳ୍ପିକ ଓ ସ୍ତମ୍ଭକାର
**ଉଦୟ ନାରାୟଣ ଦାସ**


ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।


ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯


ସତ କଥା ମୁଁ ବର୍ଷକର ହେଇଥିଲା ବେଳେ ମୋର ନିଜ ଜେଜେଙ୍କର ମହାପ୍ରୟାଣ ହେଇଯାଇଥିଲା । ମଲାବେଳେ ସେ ମୋ ବୋଉକୁ କହିଯାଇଥିଲେ, 'ମୋର ଚାଲିଯିବାର ସମୟ ହେଇଗଲା । କିନ୍ତୁ ମୋ ସାନଭାଇ ଦୋଳକୁ ତୁମେ ତୁମ ବାପ ଠୁଁ ଅଧୀକ ଭକ୍ତି କରିବ । ସେ ତା'ର ସବୁ ତ୍ୟାଗ କରି ତୁମମାନଙ୍କୁ ଆଶ୍ରା କରିଛି ।'

ଦୋଳ ଜେଜେ ଜୀବନର ପ୍ରଥମରୁ ଜଣେ ମୁଡି ଲୋକ ଥିଲେ । ତାଙ୍କର ୨୨ ବର୍ଷ ବୟସରେ ତାଙ୍କ ସ୍ତ୍ରୀ ଗର୍ଭବତୀ ଥିଲେ । କିନ୍ତୁ ସେ ପିଲା ଜନ୍ମ ନ କରିପାରି ମାରାଗଲେ । ଜେଜେ ବହୁତ କାନ୍ଦିଲେ, ଭାଙ୍ଗି ପଡିଲେ । ହେଲେ ସେ ଆଉ ଦ୍ୱିତୀୟ ବିବାହ କରିବାକୁ ରାଜି ହେଲେନାହିଁ, ଯେତେ ଯିଏ ତାଙ୍କୁ ବୁଝାଇଲେ ବି । ସେ ମୋ ବାପା ବୋଉକୁ ନିଜ ପୁଅ ବୋହୁ ବୋଲି ମାନିନେଇଥିଲେ । ସାରା ଜୀବନ ସେ ବାପାଙ୍କ ସହ ମିଶି ବିଲ କାମ କରୁଥିଲେ । କେବେ ଦିନେ ଭାବୁ ନଥିଲେ ବାପା ତାଙ୍କ ପୁତୁରା ବୋଲି । ଆମକୁ ସେ ନିଜ ନାତି ନାତୁଣୀ ଠୁଁ ଅଧୀକ ନିଜର ମନେ କରୁଥିଲେ ।

ସେତେବେଳକୁ ମୁଁ ମାଇନର ପଢୁଥିଲି ମାମୁ ଘରେ ଥାଇ । ଜେଜେଙ୍କର ଗୋଟେ ଅଭ୍ୟାସ ଯାହା ହେଉନା କାହିଁକି ପ୍ରତି ଜୁଣିଆ ହାଟ ପାଳି  ଶୁକ୍ରବାର ଦିନ ଓପର ଓଳି ସେ ନିଶ୍ଚୟ ହାଟକୁ ଯିବେ । ଗାଁ ରୁ କେହି ନଗଲେ ବି ସେ ଏକା ଚାଲିଯିବେ । ହାଟ ସାରି ଫେରିଲା ବେଳକୁ ରାତି ଘଡିଏ ହୋଇଯାଇଥିବ । ସେ ଘର ପାଇଁ ପରିବା ଓ ଆମ ପିଲାମାନଙ୍କ ପାଇଁ ବୁଟ ସିଝା, ଜିଲିପି ଓ ମାଲପା ନିଶ୍ଚୟ ଆଣିଥିବେ । ଆମ ପିଲାମାନେ ତାଙ୍କ ଆସିବା ବାଟକୁ ଖୁବ୍ ଉତ୍ସୁକତାରେ ଚାହିଁ ରହିଥିଲୁ ।

ସେଦିନ ସେ ଆମ ସାହି ଶଂଶଡା ଦାଦାଙ୍କ ସହ ଓପର ବେଳା ହାଟକୁ ଯାଇଥିଲେ । ସେଇଟା ଥିଲା ନଭେମ୍ବର ମାସର ପ୍ରଥମ ସପ୍ତାହ । ହାଟ ସାରି ଜେଜେ ଓ ଦାଦା ଫେରିଲା ବେଳକୁ ରାତି ଘଡିଏ ହେଇଯାଇଥିଲା । ରାତିଥିଲା ଖୁବ୍ ଅନ୍ଧାର । ରାସ୍ତା ସେତେବେଳେ ଥିଲା ଖୁବ୍ ଅଖାଡୁଆ । ଶାଳଂଗା ବିଲ ଭିତରେ ଆସୁ ଆସୁ ଜେଜେ କହିଲେ, 'ଶଂଶଡାରେ ମୋ ଗୋଡରେ ଯନ୍ତୁଟେ କାମୁଡ଼ି ଦେଇ ଚାଲିଗଲା, ପୋଡ଼ି ଯାଉଛି ଗୋଡ଼ ।' ଏତିକି କହୁ କହୁ ସେ ସେଇଠି ପଡିଗଲେ ଓ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ଶଂଶଡା ଦାଦାଙ୍କୁ କିଛି ବୁଦ୍ଧି ଜୁଟୁନଥିଲା, ଏ ନିର୍ଜନ ବିଲ ଭିତରେ ଏକା ଏକା କଣ କରିବେ । ଜେଜେଙ୍କୁ ଏକା ଛାଡ଼ି ଚାଲିଯିବାକୁ ସେ ଠିକ୍ ଭାବୁନଥିଲେ । ସେ ଟର୍ଚ୍ଚ ଆଲୁଅରେ ଦେଖିଲେ ଜେଜେଙ୍କ ଡ଼ାହାଣ ଗୋଡ଼ ଆଣ୍ଠୁ ତଳକୁ ରକ୍ତ ବାହାରୁଛି । ସେ ଜାଣି ପାରିଲେ ନିଶ୍ଚୟ ବିଷାକ୍ତ ତମ୍ପ ସାପ ଜେଜେଙ୍କୁ ଦଂଶନ କରିଛି । ବିଷ ଖୁବ୍ କମ୍ ସମୟରେ ତାଙ୍କ ସର୍ବାଂଗ ଦେହକୁ ବ୍ୟାପିଯିବ । ସେ ସଂଗେ ସଂଗେ ବେକରୁ ଗାମୁଛା କାଢି ଜେଜେଙ୍କ ଗୋଡ଼ରେ ଯୋର କରି ବାନ୍ଧି ଦେଲେ । ସେ ସେଇଠି ଥାଇ ଅନବରତ ଜୋର ପାଟି କରି ଡ଼ାକିଲେ, "ଦୌଡ଼ି ଆସ ଭାଇ ଆମେ ଅସୁବିଧାରେ ଅଛୁ" ।

ତାଙ୍କ ଆକୁଳ ଡ଼ାକ ଶାଳଂଗା ଲୋକଙ୍କୁ ଶୁଣାଗଲା ଓ ସେ ଗାଁର ଲୋକମାନେ କଣ ଅଘଟଣ ଘଟିଛି ଭାବି ଦୌଡ଼ି ଆସିଲେ । ସେମାନେ ପହଞ୍ଚିଲାରୁ ଶଂଶଡା ଦାଦାଙ୍କ ସାହସ ହେଲା । ସେ ଜଣେ ଲୋକକୁ ପଠାଇଲେ ଆମ ସାହିକୁ । କଥାଟା ଆମ ଘରେ ପହଞ୍ଚିଗଲାରୁ ସବଂଶ ଦୌଡିଲେ ସେଇ ବିଲକୁ । କିନ୍ତୁ ରଜନୀ ଦାଦା ସାଇକେଲ ଧରି ବାହାରିଗଲେ ତାଳପଦା ମଇନା ମଳିକ ଘରକୁ । ତା ପାଖରେ ଗଦ ଥିଲା ଓ ସାପ କାମୁଡ଼ା ମନ୍ତ୍ର ଜାଣିଥିଲା । ସତ କଥା ଜେଜେଙ୍କୁ ଆମ ସାହିର ଆବାଳ ବୃଦ୍ଧବନିତା ଭଲ ପାଉଥିଲେ । ସେଥିପାଇଁ ସମସ୍ତେ ଲଣ୍ଠନ ଧରି ପହଞ୍ଚି ଯାଇଥିଲେ ଜେଜେଙ୍କ ପାଖରେ ।

କିଛି ସମୟ ବାଦ ରଜନୀ ଦାଦା ମଇନା ଗୁଣିଆକୁ ଧରି ଜେଜେଙ୍କ ପାଖରେ ପହଞ୍ଚି ଯାଇଥିଲେ । ସେ ଜେଜେଙ୍କ ପାଟିରେ ଗଦ ଖୁଆଇ ଦେଇଥିଲା ଓ ଗଦ ଘସି ଦେଇଥିଲା କ୍ଷତ ଜାଗାରେ । ତାପରେ ପଦ୍ମତୋଳା ମନ୍ତ୍ର ବଡ ପାଟିରେ ପଢିଥିଲା । ସେ ମନ୍ତ୍ରରେ ବଶିଭୂତ ହୋଇ ଆଘାତ କରିଥିବା ତମ୍ପ ସାପ ପହଞ୍ଚି ଯାଇଥିଲା ଜେଜେଙ୍କ କ୍ଷତ ପାଖରେ । ମଇନା ମନ୍ତରେ ନିର୍ଦ୍ଦେଶ ଦେଇଥିଲା ବିଷ ଶୋଷି ଆଣିବାକୁ । ସାପଟି ବିଷ ଶୋଷିଥିଲା ଓ ଧୀରେ ଧୀରେ ଅସମ୍ଭବ ମୋଟା ହେଇଯାଉଥିଲା । ଚକିତ ହୋଇ ସମସ୍ତ ଲୋକ ଏହା ଦେଖୁଥିଲେ । ଧୀରେ ଧୀରେ ଜେଜେଙ୍କ ଚେତା ଫେରିଲା ଓ ସେତେବେଳକୁ ରାତି ପାହି ପାହି ଆସୁଥିଲା । ସାପଟି ସେଇଠି ମାଦଳ ପରି ଗଡୁଥିଲା । ସାହିଲୋକ ଜେଜେଙ୍କୁ ଧରି ଘରକୁ ଫେରିଲେ ।

ସକାଳୁ ମୁଁ ଖବର ପାଇଁ ଗାଁକୁ ଆସିଥିଲି । ଜେଜେଙ୍କୁ ଧରି କନ୍ଦିଲା ବେଳେ, ଜେଜେ କହିଥିଲେ "ଆରେ ପାଗଳା, ତୁ ଯାଇ ପାଠ ପଢ, ତୁ ବଡ ମଣିଷ ନ ହେବା ଯାଏଁ ମୁଁ କେଉଁଠିକୁ ଯିବି ? ତୋ ସାବିକ୍ ଜେଜେ ପରା ମୋତେ ଜଗେଇ ଦେଇ ଯାଇଛି ତୁମମାନଙ୍କ କଥା ବୁଝିବାକୁ ।" (ଆରଥରକୁ)

## ଧାରାବାହିକ ଉପନ୍ୟାସ



ଭାଗ-୯

# ନାତି


ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ) ୯୪୩୯୪୪୨୯୪୨




ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ ।- ଲେଖକ

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଓ.ପି.ଡ଼ି. ସାମ୍ନାରୁ ସମୁଦିଙ୍କ ସହିତ ଫୋନ୍‌ରେ କଥା ହେଉଁ ହେଉଁ ଦୀନନାଥ ଫେରି ଆସିଲେ ଏସ୍.ଏନ୍.ସି.ୟୁ.ପାଖକୁ । ଆସିଲା ବେଳେ ମେଡ଼ିସିନ୍ ୱାର୍ଡ଼ ଅତିକ୍ରମ କରି ଆସିଲେ । ହେଲେ ବଂଧୁ ଅଶ୍ୱିନୀବାବୁଙ୍କୁ ଦେଖିବାକୁ ପାଇଲେ ନାହିଁ । ହୋଇପାରେ ପୁଅ ପାଖରେ ଡାକ୍ତରଙ୍କୁ ଅନେଇ ଅନେଇ ଆଖିରୁ ପାଣି ଗଡ଼ଉଥିବେ, ପୁଅର ମୁମୂର୍ଷୁ ଅବସ୍ଥାରେ ତାଙ୍କ ସ୍ତ୍ରୀ ବାୟାଣୀ ପରି ହେଉଥିବେ କିମ୍ବା ସେ କେଉଁଠି ଆମ୍ବୁଲାନ୍‌ସ ଯୋଗାଡ଼ରେ ଯାଇଥିବେ । ତାଙ୍କ ଦୁଃଖରେ ଟିକେ ସହଭାଗୀ ହେବାପାଇଁ ଦୀନନାଥଙ୍କର ଆଦୌ ସମୟ ନଥିଲା, ମନ ବି ନଥିଲା । ଏକ ଅଜଣା ଆଶା ଆଂଶକାରେ ପ୍ରତି ମୁହୂର୍ତ୍ତରେ ସେ ଆନ୍ଦୋଳିତ ହେଉଥିଲେ ନାତି ପାଇଁ । ମନେ ମନେ ଜଗନ୍ନାଥଙ୍କୁ ଡାକୁଥିଲେ, 'ଅଶ୍ୱିନୀବାବୁଙ୍କ ପରି ତାଙ୍କର ସେମିତି କିଛି ପରିସ୍ଥିତି ନ ଉପୁଜୁ । ଭଲରେ ଭଲରେ ନାତି ତାଙ୍କର ଏଇଠୁ ସ୍ୱାଭାବିକ ହୋଇ ତା' ମା' କୋଳକୁ ଫେରିଯାଉ !'

ସମୁଦି ଦେବାନନ୍ଦ ବାବୁ ଫୋନ୍‌ରେ ଜଣେଇ ଦେଲେ -

"ଆମେ ଏଇ ରାସ୍ତାରେ ସମୁଦି । ଗାଡ଼ିବାଲା ଟିକେ ଡେରି କଲାରୁ ଆମର କିଞ୍ଚିତ ବିଳମ୍ବ ଘଟିଲା । ନୋହିଲେ ଆମେ ପହଞ୍ଚି ସାରନ୍ତୁଣି ! ଆଉ ଖୁବ୍ ବେଶୀରେ ଅଧଘଣ୍ଟାଏ ।"

ପୋର୍ଟିକୋବିହୀନ କାଟି ପକେଇଲା ପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ୱାର୍ଡ଼ର ଗୋଟିଏ ଅଂଶକୁ ଏସ୍.ଏନ୍.ସି.ୟୁ.କୁ ରୂପାନ୍ତର କରାଯାଇଛି । ବାହାର ପଟରୁ ଗୋଟିଏ ଝର୍କାକୁ ଖୋଲି ଦୁଆର ବନାଯାଇଛି । ଫଳରେ ଏହାର ପୋର୍ଟିକୋ ନାହିଁ । ଝର୍କାର ଟିକି ସାଜାଟି ପୋର୍ଟିକୋର ଭ୍ରମ ସୃଷ୍ଟି କରୁଛି । ପ୍ରତୀକ୍ଷମାଣ ଲୋକେ ସେମିତି ଖରାରେ ଲଣ୍ଡଭଣ୍ଡ ହେଉଛନ୍ତି । ତା' ସାମ୍ନାକୁ ଅଳିଆ ଅରମା ହୋଇ ପଡ଼ି ରହିଛି ଅରାଏ ଅପନ୍ତରା ଭୂଇଁ । ଭଂଗାଇଟା, ଘାସ, ଚଟୁଡ଼ି, ଶୁଖିଲା ପତ୍ର ଏଣେ ତେଣେ ବିଛାଡ଼ି ହୋଇ ପଡ଼ିଛି । ତାପରେ ଡାକ୍ତରଖାନାର ମୁଖ୍ୟ ଡ୍ରେନ୍ ବା ନର୍ଦ୍ଦମା । ଡ୍ରେନ୍ ଉପରକୁ ଧାଡ଼ିରେ କୃଷ୍ଣଚୂଡ଼ା ଗଛ ।

କିଏ କେଜଣି, ସେତେବେଳେ ଏଇ ଡାକ୍ତରଖାନା ପରିସରରେ ଏତେଗୁଡ଼ିଏ କୃଷ୍ଣଚୂଡ଼ା ଗଛ ଲଗେଇଥିଲା ! କିଏ କେଜାଣି ! କୃଷ୍ଣଚୂଡ଼ା ଗଛ ସହିତ ଡାକ୍ତରଖାନାର ବା କ'ଣ ସମ୍ପର୍କ ? ଡାକ୍ତରଖାନା କାନୁନ୍‌ରେ କୃଷ୍ଣଚୂଡ଼ା ଗଛ ଲଗା ଯିବାର ଏମିତି କିଛି ବିଧାନ ଅଛି କି ? ଯେମିତି କୋର୍ଟ କଚେରୀ ପରିସରରେ ବର ଅଶ୍ୱତ୍ଥର ସମ୍ପର୍କ ରହିଛି ! କେଜାଣି, ଦୀନନାଥଙ୍କୁ ତାହା ଜଣାନାହିଁ ।

ଏବେ ମାର୍ଚ୍ଚ ମାସ । କୃଷ୍ଣଚୂଡ଼ା ଗଛର ପତ୍ରଝଡ଼ା ସମୟ । ୟା'ପରେ ନୂଆପତ୍ର କଅଁଳିବା ସାଂଗକୁ ପେନ୍ଥା ପେନ୍ଥା କଡ଼ ଓ ଲାଲ ଫୁଲରେ ଗଛଗୁଡ଼ିକ ଅପୂର୍ବ ଶୋଭାଧାରଣ କରିବ । ଲାଲରଂଗ ସଂଗ୍ରାମର ପ୍ରତୀକ, ଯୁଦ୍ଧର ପ୍ରତୀକ, ବିପଦର ପ୍ରତୀକ, ପୁଣି ସଂଗ୍ରାମ ଓ ସଂଘର୍ଷର ପ୍ରତୀକ । ହୁଏତ ଏଇଆ ହୋଇପାରେ, ଜୀବନ ସହିତ ମୃତ୍ୟୁର ସଂଗ୍ରାମ, ରୋଗ ସହିତ ଡାକ୍ତରର ସଂଗ୍ରାମ । ସଂଗ୍ରାମ ଭିତରୁ ଜୟୀ ହେଲେ ଜୀବନର ଯେଉଁ ସ୍ୱାଭାବିକତା ଫେରିବ, ତାହା ହେଉଛି ସବୁଜିମାର ପ୍ରତୀକ । ଏଣୁ ଜୀବନ ଓ ମୃତ୍ୟୁକୁ ପ୍ରତୀକିତ କରୁଥିବା କୃଷ୍ଣଚୂଡ଼ା ଡାକ୍ତରଖାନା ପରିସରରେ ଲଗାଯିବା ଏକାନ୍ତ ଯଥାର୍ଥ । ଏମିତି କିଛି ହୁଏତ ନିୟମ ରହିଛି, ଯେଉଁଥିପାଇଁ ଏ ଡାକ୍ତରଖନାରେ ଏତେଗୁଡ଼ିଏ  କୃଷ୍ଣଚୂଡ଼ା ଗଛ ! ଭାରତର ସବୁ ଡାକ୍ତରଖାନାରେ କୃଷ୍ଣଚୂଡ଼ା ଗଛ ରୋପିତ ହୋଇଛି କି ନାହିଁ, ସେ ଏକଥା ଜାଣନ୍ତି ନାହିଁ । ତେବେ ଏହାକୁ ଏକ ବିଧାନ ଭାବେ ସ୍ୱାସ୍ଥ୍ୟବିଭାଗ ଗ୍ରହଣ କରିନେବା ବରଂ ଠିକ୍ ହେବ ବୋଲି ଦୀନନାଥ ମନେ ମନେ ସିଦ୍ଧାନ୍ତ କରି ପକେଇଲେ ।

ମୁହଁ ଶୁଖେଇ ଗୋଟିଏ କୃଷ୍ଣଚୂଡ଼ା ଗଛ ମୂଳରେ ଛିଡ଼ା ହୋଇଛି ଭବେଶ । ତା' ପାଖରେ ଲଣ୍ଡଭଣ୍ଡ ହେଉଛନ୍ତି ତା'ର ଦୁଇଟି ସାନ ଶଳା-ଜୀତେଶ ଆଉ ଲିପୁ । ଜଣେ ଦୀନନାଥଙ୍କର ପୁତୁରା, ଆଉ ଜଣେ କଳ୍ପଲତାଙ୍କର । ଉଭୟେ ମେସ୍‌ରେ ରହି ପଢ଼ାପଢ଼ି କରୁଛନ୍ତି ।

କାହାରିକୁ ଭରସି କରି ଚାହିଁ ପାରିଲେ ନାହିଁ ଦୀନନାଥ । ସମସ୍ତଙ୍କର ମନ ଉଣା  ଓ ଦୁଃଖଜର୍ଜରିତ ମୁହଁ । ହୃଦୟରେ କ୍ଷତ । ସମସ୍ତଙ୍କ ପାଖରୁ କିଏ ଯେପରି ଖୁସିର ପସରାଟିକୁ ଉଜାଡ଼ି ଦେଇଛି !

ଦୀନନାଥଙ୍କର ସକାଳଠାରୁ ଠିଆ ଠିଆରେ ଆସି ଏଗାରଟା ହେଲାଣି । ଅଣ୍ଟା, ପିଠି ଭୀଷଣ ଦରଜ ହେଉଛି । ଏ ପର୍ଯ୍ୟନ୍ତ ଗାଧୁଆ ପାଧୁଆ ହେଲାନାହିଁ । ଟିକେ କେଉଁଠି ବସିଗଲେ ଆରାମ ଲାଗନ୍ତା !

ଶୁଭକାନ୍ତ ଫୋନ୍ କଲା ଚେନ୍ନାଇରୁ । କାଲିଠାରୁ ପ୍ରାୟ ଲଗାତର ସେ ଫୋନ୍ କରୁଛି କେତେବେଳେ ତାଙ୍କୁ, କେତେବେଳେ ଭବେଶକୁ, ଅଥବା କେତେବେଳେ କଳ୍ପଲତାଙ୍କୁ । ଦୁଇଦିନ ହେଲା ଆଖିକୁ ନିଦ ନାହିଁ ତା'ର । ପ୍ରତି ମୁହୂର୍ତ୍ତର ଖବର ଜାଣିବାକୁ ଚାହୁଁଛି ।

ଫୋନ୍ ରିସିଭ୍ କଲେ ଦୀନନାଥ । ବ୍ୟସ୍ତ ହୋଇ ଶୁଭକାନ୍ତ ପଚାରିଲା -

"କ'ଣ ହେଲା ବାପା ?" - ସ୍ୱରରେ ତା'ର ଭୟ, ଆତଙ୍କ ଓ ଉଦ୍‌ବେଗ ।

"ତୁ ଏତେ ବ୍ୟସ୍ତ ହ'ନା ଶୁଭ । ପିଲା ଭଲ ଅଛି । କିନ୍ତୁ ଅସଲ ସମସ୍ୟାଟି କ'ଣ ଡାକ୍ତରମାନେ ତ କିଛି କହୁ ନାହାନ୍ତି । କେବଳ କହିଲେ, ପିଲା କାନ୍ଦୁ ନାହିଁ । ମୁଁ ନିଜେ ଦେଖିଛି ଜନ୍ମପରେ ସେ ଟିକେ ଟିକେ କାନ୍ଦୁଥିଲା । କ୍ରମେ କାନ୍ଦି ନ ଥାନ୍ତା କି ! ହେଲେ ସେମାନେ ଶୀଘ୍ର ଏସ୍.ଏନ୍.ସି.ୟୁ.କୁ ସିଫ୍‌ଟ କରିଦେବାପାଇଁ କହିଲେ । ଏଠି ଆଡ଼ମିସନ୍ ହୋଇଯାଇଛି । ମୁଁ ଆଉ କାର୍ତ୍ତିକ ମାମୁ ଦୁହେଁ ଯାକ ଭିତରେ ଯାଇ ଦେଖି ଆସିଛୁ । ପିଲା ଭଲଅଛି ଏବଂ ହାତଗୋଡ଼ ହଲଉଛି । ନର୍ସ କହୁଥିଲା ମଝିରେ ମଝିରେ ଟିକେ ସେ କାନ୍ଦୁଥିଲା ବୋଲି ।" - ଆବେଗର ତାଡ଼ନାରେ ଏକା ନିଃଶ୍ୱାସକେ ଏତେ କଥା କହିଗଲେ ଦୀନନାଥ ।

ପୁଅ ଶୁଭକାନ୍ତ । ଚେନ୍ନେଇର ଏକ ମେଡ଼ିକାଲ୍ କଲେଜରେ ମେଡ଼ିସିନ୍ ବିଭାଗର ଜଣେ ଆସିଷ୍ଟାଣ୍ଟ ପ୍ରଫେସର, ଏବେ ବର୍ଷଟିଏ ହେଲା ଜଏନ୍ କରିଛି । ଓଡ଼ିଶାରେ ଚାକିରି କଲା ନାହିଁ । ସରକାରୀ ଚାକିରିକୁ ଆଡ଼େଇ ଦେଇ ଚାଲିଗଲା ଚେନ୍ନାଇ । ଆହୁରି ଅଧିକ ତା'ର ପଢ଼ିବାକୁ ଇଚ୍ଛା ।

ଠିଆ ଠିଆ ଦୀନନାଥ ବଡ଼ ଅସ୍ୱସ୍ତି ଅନୁଭବ କଲେଣି । କେଉଁଠି ଟିକେ ବସି ଯାଆନ୍ତେ କି ! ପାଦ ଦି'ଟା ଆଉ ଅଣ୍ଟାକୁ ଟିକେ ଆରାମ ମିଳନ୍ତା !

ଚାରିଆଡ଼େ ଆଖି ବୁଲେଇ ଆଣିଲେ ସେ । କେଉଁଠି ହେଲେ ଟିକେ ସୁବିଧା ନାହିଁ ବସିବାକୁ । ସବୁଆଡ଼େ ବି ଲୋକ ହାଉଜାଉ । କାନ୍ଦ, ବୋବାଳି, ଦୁଃଖ, ବିଷାଦ ଓ ଅନୁଶୋଚନା । ସାରା ପୃଥିବୀର ଲୋକେ ଯେମିତି ଦୁଃଖ ଯନ୍ତ୍ରଣା ଭିତରେ, ଯାତନା ଓ ଅନୁତାପ ଭିତରେ, ରୋଗ, ଜରା ଓ ବ୍ୟାଧି ଭିତରେ ନିରନ୍ତର ସଢୁଛନ୍ତି । ଜୀବନରେ ଟିକେ ବି ସୁଖ ନାହିଁ କି ଶାନ୍ତି ମଧ ନାହିଁ । ସାରାଜୀବନ ଏମିତି ଖାଲି ସନ୍ତୁଳି ହେବା କଥା । ସୁଖଶାନ୍ତିର ଜୀବନଟିଏ ବଂଚିବାର ବିକଳ ପ୍ରୟାସ ଓ ପ୍ରତୀକ୍ଷା ଭିତରେ ଜୀବନ କେତେବେଳେ ସରିଯାଏ, ତାହା କେହି ଜାଣି ପାରନ୍ତି ନାହିଁ ।

ଟିକେ ଦୂରରୁ ଦୀନନାଥ ଲକ୍ଷ୍ୟ କଲେ, ଅଶ୍ୱିନୀବାବୁ ଏଇ ଆଡ଼କୁ ଆସୁଛନ୍ତି । ବଡ଼ ବ୍ୟସ୍ତ ଏବଂ ବିବ୍ରତ ଜଣାଯାଉଛନ୍ତି ସେ । ମୁଖମଣ୍ଡଳରେ ସମାନୁପାତିକ ଆତଙ୍କ ଓ ଉଦ୍‌ବେଗ । ଲାଗୁଛି ମେଡ଼ିସିନ୍ ଷ୍ଟୋର୍ ଆଡ଼କୁ ଏକମୁହାଁ ଦଉଡୁଛନ୍ତି । ବୋଧହୁଏ ଡାକ୍ତର କିଛି ନୂଆପ୍ରକାର ମେଡ଼ିସିନ୍ ଲେଖିଛନ୍ତି । ଦେଲେ ହୁଏତ ଭଲ ହୋଇଯାଇ ପାରେ ତାଙ୍କ ରୋଗଗ୍ରସ୍ତ ପୁଅ ।

ପୁନରାୟ ତାଙ୍କୁ ଦେଖା ଦେଇ ନିଜର ଅସୁବିଧାକୁ ପ୍ରମାଣିତ କରିବାକୁ ଚାହିଁଲେ ନାହିଁ ଦୀନନାଥ । ତା'ଛଡ଼ା ତାଙ୍କ ବ୍ୟସ୍ତତାର ସମୟ ଭିତରୁ ଅଯଥା ଗୋଟିଏ ମିନିଟ୍ ସମୟ ନଷ୍ଟ କରିବା ଅନୁଚିତ ଭାବି ସେ ହଠାତ୍ ବୁଲି ପଡ଼ିଲେ ଏବଂ ଅଶ୍ୱିନୀବାବୁ ଆସୁଥିବା ଦିଗକୁ ପଛକରି ଛିଡ଼ାହେଲେ ।

ଅଶ୍ୱିନୀବାବୁ ଅତିକ୍ରମ କରିଗଲେଣି ଏବଂ ଦୀନନାଥ ପୂର୍ବ ସ୍ଥିତିକୁ ଫେରିଆସି ସେହି ଅସନା ଅରମା ଭୂଇଁରୁ କେଉଁଠି ଟିକେ ବସିବେ ବୋଲି ସ୍ଥାନଟିଏ ଦରାଣ୍ଡୁଥିଲେ । ଶେଷରେ ଗୋଟେ କୃଷ୍ଣଚୂଡ଼ା ଗଛ ମୂଳରେ ଦୁଇଚାରି ଖଣ୍ଡ ଭଂଗା ଇଟା ଗୋଟେଇ ଆଣି ଗଦେଇବାକୁ ଦୁଇ ପୁତୁରାଙ୍କୁ ସେମାନଙ୍କ ଭାବନାରେ ବ୍ୟାଘାତ ଘଟେଇ ନିର୍ଦ୍ଦେଶ ଦେଲେ ।

ତତ୍‌କ୍ଷଣାତ୍ ବୀରବର ପରି ଦୁଇ ପୁତୁରା ଅଧା ଓ ଭଂଗା ଇଟା ସଂଗ୍ରହ କରି ସେହି କୃଷ୍ଣଚୂଡ଼ା ଗଛ ମୂଳରେ ସଜେଇ ଦେଲେ ପିଣ୍ଡିଟିଏ ଏବଂ ଆହ୍ୱାନ କଲେ ପିତୃତୁଲ୍ୟ ଦୀନନାଥଙ୍କୁ ସେଠାରେ ଉପବିଷ୍ଟ ହେବାପାଇଁ ।

ସତ୍ୱର ସେ ଆହ୍ୱାନକୁ ସାଦରେ ଗ୍ରହଣ କରି ସେମାନଙ୍କୁ ସତୃଷ୍ଣ ନୟନରେ ଚାହିଁବାରୁ ଦୁହେଁ କୃତ୍ୟ କୃତ୍ୟ ହେଲେ । ଦୀନନାଥଙ୍କୁ ଯଥାଯୋଗ୍ୟ ଆରାମ ମିଳିଲା, ଅଣ୍ଟାରେ ଏବଂ ପାଦଯୁଗଳରେ ।

କିଛିକ୍ଷଣ ପରେ ଦୀନନାଥ ବିମର୍ଷ ହୋଇଗଲେ । ତାଙ୍କ ଭିତରେ ଦୁଃଖ, ବିଷାଦ ଏବଂ ଉଦ୍‌ବେଗ ଲାଗି ରହିଥିଲା ନାତିର ଜନ୍ମଜନିତ ଅସ୍ୱାଭାବିକତା ଯୋଗୁଁ । ପରନ୍ତୁ ଅଶ୍ୱିନୀବାବୁଙ୍କୁ ତାଙ୍କର ଏ ଦୁର୍ଦ୍ଦିନରେ ସାହାଯ୍ୟ ଏବଂ ସହଯୋଗରୁ ବଂଧୁ ହୋଇ ନିବୃତ୍ତ ରହିବା ଆଦୌ ଯେ ବିବେକାନୁମୋଦିତ କର୍ମ ନୁହେଁ, ତାହା ତାଙ୍କୁ ସ୍ୱଷ୍ଟ ଗଭୀରତାରୁ ଦୃଶ୍ୟହେଲା । ଚାହିଁଥିଲେ ସେ ତାଙ୍କୁ ପୂର୍ଣ୍ଣମାତ୍ରାରେ ସାହାଯ୍ୟ, ସହଯୋଗ କିମ୍ବା ସାହଚର୍ଯ୍ୟ ଦେଇ ପାରିଥାନ୍ତେ ! ଅଥଚ ନିଜ ସମସ୍ୟାର ଆଳ କରି ଫେରି ଆସିବା ନିଶ୍ଚିତ ଏକ ଅବିବେକୀର କାର୍ଯ୍ୟ ହେଲା ଏବଂ ଏହା ତାଙ୍କ ହୃଦୟକୁ ତୀରବିଦ୍ଧ ହେଲା ଭଳି ଲାଗିଲା ।

ସୁତରାଂ ସେ ଏବେ ଜ୍ୱାଳା ଓ ଯନ୍ତ୍ରଣାରେ ଘାରି ହେଲେ । ସେଥିରୁ ନିଷ୍କୃତି ଲଭିବା ପାଇଁ ନିଜ ଭାବନା ଏବଂ ଚିନ୍ତାକୁ ଅନ୍ୟ ମାର୍ଗରେ ପରିଚାଳିତ କରିନେଲେ ।

"ଶୁଭଦା ପାଖରେ କିଏ ଅଛି ?" - ପୁତୁରା ଦ୍ୱୟଙ୍କୁ ଲକ୍ଷ୍ୟ କରି ପ୍ରଶ୍ନ କଲେ ଦୀନନାଥ ।

"ବଡ଼ମା' ଓ ମାଇଁ ଅଛନ୍ତି" - କହିଲା ଜୀତେଶ ।

ଏ ଅବିବେକିତାରୁ ତାଙ୍କୁ ଯେତିକି ଶିକ୍ଷା ମିଳିଲା, ଅନ୍ତତଃ ଭବିଷ୍ୟତରେ ତା'ର ପୁନରାବୃତ୍ତି ନ କରିବାକୁ ସେ ମନେ ମନେ ସଂକଳ୍ପ କଲେ ।

ସେହି ରାସ୍ତା ଦେଇ କୌଣସି କାର୍ଯ୍ୟୋପଲକ୍ଷେ ଅତିକ୍ରମ କରୁଥିଲେ କାର୍ତ୍ତିକ । ଦୀନନାଥଙ୍କୁ ଏପରି ଅବସ୍ଥାରେ ଗଛମୂଳେ ବସିଥିବାର ଦେଖି ଅଟକିଗଲେ ଏବଂ ପୁତୁରା ଦୁହିଁଙ୍କୁ ଡାକିନେଲେ ନିଜ କ୍ୱାର୍ଟରକୁ । ସେହି ଡାକ୍ତରଖାନା ପରିସରରେ ତାଙ୍କ କ୍ୱାର୍ଟର । ଏସ୍.ଏନ୍.ସି.ୟୁ.ରୁ ଅଳ୍ପ ବ୍ୟବଧାନ ମାତ୍ର । ସ୍ୱାମୀ ସ୍ତ୍ରୀ ଦୁଇଜଣଙ୍କର ଏଇ ମେଡ଼ିକାଲ୍‌ରେ ଚାକିରୀ ।

ସଂଗେ ସଂଗେ ଦୁଇଖଣ୍ଡ ପ୍ଲାଷ୍ଟିକ୍ ଚେୟାର୍ ଦୁଇ ହାତରେ ଧରି ପହଞ୍ଚିଲେ ପୁତୁରା ଦ୍ୱୟ ଏବଂ ସେମାନଙ୍କ ପଛରେ କାର୍ତ୍ତିକ । ଦୀନନାଥଙ୍କ ସହିତ କୌଣସି ବାକ୍ୟ ବିନିମୟ ନ କରି ସ୍ୱତଃ ଚାଳିତ ହୋଇଗଲେ ଏସ୍.ଏନ୍.ସି.ୟୁ. ଭିତରକୁ ।

ଦୀନନାଥ ନିଜେ ଖଣ୍ଡେ ଚେୟାର ଦଖଲ କରିନେଇ ଅନ୍ୟଟିକୁ ଜ୍ୱାଇଁ ଭବେଶକୁ ବସିବା ପାଇଁ ନିର୍ଦ୍ଦେଶ ଦେଲେ । ଗଛତଳେ ଗଦେଇଥିବା ଇଟା ଉପରେ ଅନ୍ୟ କେହି ବସିବା ପୂର୍ବରୁ ପୁତୁରା ଦୁହେଁ ବସି ପଡ଼ିଲେ ।(କ୍ରମଶଃ)

## ଅନୁବାଦ ଗଳ୍ପ

# ॥ ଝିଅର ଅଧିକାର ॥




ମୂଳ ହିନ୍ଦୀ- ଶ୍ୟାମସୁନ୍ଦର ଅଗ୍ରବାଲ
ଅନୁବାଦକ- ବିନୟ କୁମାର ଦାସ


ବଜାର ସଉଦା ର ତାଲିକା ଦେଖି ସୌରଭ କହିଲା, "ବୋଉ, ଏ ଶୀତଦିନରେ ଥଣ୍ଡାପାନୀୟ କଣ ପାଇଁ ଲେଖିଚ କି ? ତା ପରେ ଏମିତି  ଆମ ଘରେ କେହି ତ ତାକୁ ଖରାଦିନେ ବି ପିଅନ୍ତି ନାହିଁ ।"

"ତୋତେ କହିନାହିଁ ପରା.. ମୁଁ ଆସନ୍ତାକାଲି ତୋ ପିଉସୀମା ଘରକୁ ଯାଉଛି ତ.. ତାଙ୍କରି ପାଇଁ ।" କହିଲେ ଶକୁନ୍ତଳାଦେବୀ ।

"ତୁମେ ବି ବୋଉ ବେଳେବେଳେ ଅଜବ କଥା ସବୁ କୁହ । ପିଉସୀମା ଏତେ ବଡ ସହରରେ ରହୁଛନ୍ତି, ସେଠି କଣ ଏଇ ସାମାନ୍ୟ ଥଣ୍ଡା ପାନୀୟ ମିଳେ ନି ? ଏତେ ଦୂରରୁ ତୁମେ ନେଇକି ଯିବ ?"

"ସେଠି ମିଳୁଛି ରେ ସୌରଭ, ହେଲେ କଥା କଣ ଜାଣିଚୁ ନା.. ତାଙ୍କର ତ ବୟସ ହୋଇଗଲାଣି । ପୁଣି ବିଭିନ୍ନ ପ୍ରକାରର ରୋଗ । ସେ ତ ନିଜେ ଆଉ ବଜାରକୁ ଯାଇ ପାରୁ ନାହାନ୍ତି ।"

"ଓହୋ..ତେବେ ଏ ଯୋଉ ସବୁ ଫଳମୂଳ ଲେଖା ଯାଇଛି, ସେସବୁ ତାଙ୍କରି ପାଇଁ ?"

"ହଁ, ସେ ଭାରି ଫଳପ୍ରିୟ ତ.. । ଏତକ ଫଳ ଦେଖିଲେ ସେ ବହୁତ ଖୁସି ହୋଇଯିବେ ରେ ସୌରଭ । ହଁ, ସେ ଧର୍ମପାଳ ଲୁଗା ଦୋକାନରେ ମୁଁ କାଲି ଗୋଟେ ବେଡସିଟ୍ କିଣି ଭୁଲରେ ଛାଡି ଦେଇ ଆସିଚି । ତୁ ଆଜି ବଜାରରୁ ଫେରିଲା ସମୟରେ ସେଇଟା ନେଇ ଆସିବୁ ।"

"ବୋଉ, ଗତମାସ ପରା ତାଙ୍କୁ ଗୋଟେ ବେଡସିଟ୍ ଦେଇଥିଲ । ପୁଣି କଣ ପାଇଁ ?"

"ଆମ ଘରୁ କିଛି ଜିନିଷ ପାଇଲେ ତୋ ପିଉସୀମା ବହୁତ ଖୁସି ହୁଅନ୍ତି ରେ.. ଅନ୍ୟକୁ ଖୁସି କରାଇ ପାରଲେ ଆମକୁ ବି ଖୁସି ଲାଗେ ।"

"ବୋଉ..ଗୋଟେ କଥା ମୁଁ ବୁଝିପାରୁନି.."

"କଣ"

"ପିଉସୀମା ଙ୍କର ମନ ପସନ୍ଦର ଜିନିଷ ସବୁ ଏଠୁ ଯିବ । ଅଥଚ ଘରେ ତ ତାଙ୍କର ଦୁଇ ଦୁଇଟା ପୁଅ । ସେମାନେ ବି ତ ଆଣି ଦେଇ ପାରନ୍ତେ.. " ଟିକେ ବିରକ୍ତ ହୋଇ କହିଲା ସୌରଭ ।

ଶକୁନ୍ତଳା ଦେବୀ ଭାବୁଥିଲେ କହିଦେବେ..."ଆଜିକାଲି ର ଦୁନିଆରେ କୋଉ ପୁଅ ବୁଢା ବାପାମାଆଙ୍କ କଥା ବୁଝି ପକାଉଛନ୍ତି ଯେ.. ସେମାନେ ବୁଝିବେ ?" ହେଲେ କହିପାରିଲେ ନାହିଁ ନିଜ ପୁଅ କୁ ଏମିତି ସିଧାସଳଖ । ତାଙ୍କର ନିରବତା ଦେଖି ସେ କହିଲା, "ଏ ସବୁ ଜିନିଷ ବାବଦରେ କେତେ ଖର୍ଚ୍ଚ ହୋଇଯିବ ଜାଣିଚ ତ ?"

"ଜାଣିଛି ରେ ସୌରଭ, ହେଲେ ଆମର ବି ଭୁଲିଯିବା ଉଚିତ ନୁହେଁ, ତୋ ପିଉସୀମାଙ୍କର ବି ଏ ଘରେ କିଛି ଅଧିକାର ରହିଛି ବୋଲି । ସେଥିରୁ ତାଙ୍କୁ ବଂଚିତ କରାଇବା ଆମର ଉଚିତ ହେବନି ।"

"କି ଆଶ୍ଚର୍ଯ୍ୟ କଥା କହୁଚ ବୋଉ ? ? ତାଙ୍କର ପୁଣି ଏ ଘରେ କି ଅଧିକାର ?"

"ଅଛି..ବହୁତ ଅଧିକାର ରହିଛି ।"

"ମାନେ ?"

"ତୋ ଭଉଣୀ ଯେମିତି ଏ ଘରର ଝିଅ, ତୋ ପିଉସୀମା ବି ସେମିତି ଏ ଘରର ଝିଅ । ସେ ଏଇ ଘରେ ଜନମ ହୋଇଛି । ଏ ଘରେ ତାର ସେହ୍ନ ଅଧିକାର ରହିଛି । ବିବାହ ପରେ ସେ ଅଧିକାର ର ସମାପ୍ତି ଘଟେ ନାହିଁ  ରେ.. । ଯେତେବେଳେ ଏ ଘରୁ କିଛି ବି ଜିନିଷ ତାକୁ ମିଳେ, ସେ ଯେଉଁ ଆନନ୍ଦ ଆଉ ତୃପ୍ତି ଲାଭ କରେ, ସେ କଥା ତୁ ବୁଝି ପାରିବି ନାହିଁ । ଶତ ଚେଷ୍ଟା କଲେ ବି ସେ ଅନୁଭବ ତୋ ଭିତରେ ଆସିବ ନାହିଁ ସୌରଭ ।"

ଏତକ କହିସାରି ଶକୁନ୍ତଳାଦେବୀ ଏକ ଦୀର୍ଘଶ୍ୱାସ ଛାଡି ତାଙ୍କ ବାପଘର କଥା ମନେ ପକାଉଥିଲେ ବୋଧେ ।


+ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯


# ॥ କଥା କିଞ୍ଚିତ ॥




ରତ୍ନାକର ରାଉତ


+ + + କବିତା ସବୁକାଳେ ଛଳନାର ବିରୋଧ କରିଛି । ବିରୋଧ କରିଛି ଦୃଢ଼ କଣ୍ଠରେ ହିପୋକ୍ରାସିର, ଯାବତୀୟ ଲାଞ୍ଛନା ସତ୍ତ୍ୱେ ଯେଉଁମାନେ ନିଷ୍କପଟ ଭାବରେ ବ୍ୟକ୍ତି କରିଛନ୍ତି ନିଜକୁ, ନିଜର ଦୁଃଖକୁ, ସତ୍ୟକୁ, ସେହି ମୁଷ୍ଟିମେୟ କେତେ ଜଣ କାଳୋତ୍ତୀର୍ଣ୍ଣ ହୋଇଛନ୍ତି । ଯୁଗେ ଯୁଗେ ସାର୍ବଜନୀନ ସତ୍ୟର ଉଦ୍‌ଘୋଷଣା କରିଥିବା କାବ୍ୟପୁରୁଷମାନେ ତଥାକଥିତ ସମାଜର ସକଳ ନିର୍ଯାତନା, ବିରୋଧ ଓ ଦମନର ଶିକାର ହୋଇ ମଧ୍ୟ ଅମର ହୋଇ ଯାଇଛନ୍ତି । ଭାଟ ଭଳି କ୍ଷମତାର ଭଣତି କରିଥିବା ଅପୌରୁଷେୟ କବିମାନେ କାଳର କୁଟିଳ କଟାକ୍ଷରେ ବିଲୀନ ହୋଇଯାଇଛନ୍ତି ଚିରକାଳ ନାଇଁ । ସତ୍ୟର ଉଦ୍‌ଘୋଷଣା ସଦାକାଳେ ବନ୍ଦିତ । ତେଣୁ ସାମାୟିକ ପ୍ରଲୋଭନରେ ପ୍ରଭାବିତ ନହୋଇ କବି ସାହସର ସହିତ ଅନାବୃତ କରି ପାରିଲେ ଭାବ ଉପରୁ ପରଳ, ନିରୋଳା ଭାବର ଅଭାବ ରହିବ ନାହିଁ କେବେ । ଖୋଲିଦେଇ ପାରିଲେ ଗବାକ୍ଷ, ମୁକ୍ତ ଆଲୋକରେ ଆଲୋକିତ ହେବ ଗୃହର ପ୍ରାଙ୍ଗଣ । ଲଙ୍ଘିପାରିଲେ ପ୍ରଚଳିତ ବ୍ୟବସ୍ଥାର ମେଘନାଦ, ଡେଇଁଯାଇ ପାରିଲେ ଲକ୍ଷ୍ମଣର ତିନିଗାର, ସାହସର ସହିତ ମୁକାବିଲା କରିପାରିଲେ ଅନାହୂତ ଆଗାମୀର, କବିତା କାଳଜୟୀ ହୋଇପାରିବ  । ସବୁବେଳେ ପୁରୁଣା କଥା ଅବା ପ୍ରଚଳିତ ବିଧି ବ୍ୟବସ୍ଥାକୁ ଧରି ନିଆଯାଏ, ମନେକରି ଏହାର ବିକଳ୍ପ କିଛି ନାହିଁ । କେବଳ ଦୁଃସାହସୀ ପୁରୁଷମାନେ ନିଜର ଦୃଢ଼ ଆତ୍ମବଳର ପରାକାଷ୍ଠାରେ ସମଗ୍ର ଅନ୍ଧ ଜନତାଙ୍କୁ ଦେଖେଇ ଦିଅନ୍ତି ନୂତନ ଦିଗ, ଦେଇ ଯାଆନ୍ତି ନୂତନ ସଂଦେଶ । ସାଧାରଣଙ୍କ ନିକଟରେ ପ୍ରତୀତ ହେଉଥିବା ନିହାତି ଅସମ୍ଭବ କଥା ଦିନେ ସମ୍ଭବ ହୁଏ ଏବଂ ଦିନେ ସେହି କଥା ସମସ୍ତଙ୍କ ପାଇଁ ବେଦର ଗାର ହୋଇଯାଏ ।

ପରିବର୍ତ୍ତନ ଗତିର ନିୟମ । ତେଣୁ ପୃଥିବୀ ଚାରିପଟେ ଘୁରୁଥିବା ସୂର୍ଯ୍ୟ ଦିନେ ସ୍ଥିର ରହିଥିବାର ଜଣାପଡ଼େ । ପୃଥିବୀ ଘୁରୁଥାଏ ସୂର୍ଯ୍ୟ ଚାରିପଟେ । କିଏ କହିବ ଆଗାମୀକାଲି ଜଣାନପଡ଼ିବ ସୂର୍ଯ୍ୟ ପ୍ରଦକ୍ଷିଣ କରୁଛି ସୂର୍ଯ୍ୟଠାରୁ କୋଟି କୋଟି ଗୁଣ ବଡ଼ ଆଉ କେଉଁ ନକ୍ଷତ୍ର କିମ୍ବା ଅନ୍ୟ କିଛିର ଚାରିପଟେ । ଏଠାରେ ସକ୍ରେଟିସ୍‌ଙ୍କୁ ବିଷ ପିଇବାକୁ ପଡ଼େ । କେତେ କେତେ ନାୟକଙ୍କର ରକ୍ତରେ ରକ୍ତାକ୍ତ ଆମର ପ୍ରଗତିର ପଥ ।  ଏ ଦେଶରେ ବିଧବା ବିବାହ ପୁଣି ପ୍ରଚଳିତ ହୁଏ, ନିରୀହା ଯୁବତୀ ଝିଅଟେ ସ୍ୱାମୀର ମୃତ୍ୟୁପରେ ଅଗ୍ନିକୁଣ୍ଡକୁ ଝାସ ଦେଇ ସତୀ ହେବାର ପ୍ରଲୋଭନରୁ କ୍ଷାନ୍ତହୁଏ । ବ୍ରାହ୍ମଣ ହେଲେ କେବଳ ନଡ଼ିଆଗଛ ରୋପଣ କରିପାରିବା ଭଳି କୁସଂସ୍କାରର ବିଲୋପ ହୁଏ ।

ତଥାପି ଅନେକ ପଥ ବାକି ଅଛି । ଅନେକ କଥା କହିବାର ଅଛି । ଅନେକ ସତ୍ୟ ଉଦ୍‌ଘାଟିତ ହେବାର ସମୟ ଉପଗତ । ଅନେକ କୁସଂସ୍କାର, ଅନ୍ଧବିଶ୍ୱାସର ଲେଲିହାନ ଶିଖାରେ କେତେ କେତେ ଆହୁତି ଦିଆଚାଲିଛି ପ୍ରତିନିୟତ । ତା'ର ବିଲୋପ ସାଧନ କରିବାର ଅଛି ।

+ + +

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୩ ଜାନୁଆରୀ, ୨୦୨୧
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



## ଆଉଜା କବାଟ (୨୨)



# ମୃତ୍ୟୁ ପରେ ବି ଆଧାର କାର୍ଡ଼

ଡ. ରାଧାରଂଜନ ପଟ୍ଟନାୟକ

ଚିତ୍ରଗୁପ୍ତ (ଯମଦୂତଙ୍କୁ) - ଆରେ, ତୁମେ କାହାକୁ ନେଇଆସିଲ ?

ଯମଦୂତ - ଚିତ୍ରଗୁପ୍ତ ମହାଶୟ, ଏହି ପ୍ରାଣୀର ସମୟ ପୂରି ଯାଇଥିଲା । ଏଥିପାଇଁ ଏଠାକୁ ନେଇଆସିଛି ।

ଚିତ୍ରଗୁପ୍ତ - ତୁମେ କେଉଁ ଯୁଗର ନିୟମାନୁସାରେ ନିଜ କାମ କରୁଛ ? ନୂଆ ନୂଆ ଆଇନ୍‌କାନୁନ୍ ପ୍ରସ୍ତୁତ ହେଉଛି । ସମ୍ଭବତଃ ଅଧ୍ୟୟନ କରୁନାହଁ । ଯମଦୂତମାନଙ୍କୁ ଲେଟେଷ୍ଟ୍ କାନୁନ୍ ଜାଣିବା ଦରକାର । ମାତ୍ର ତମେ ଏଥିପ୍ରତି ଧ୍ୟାନ ଦେଉନାହଁ । ଭାବୁଛି, ତୁମମାନଙ୍କ ପାଇଁ ରିଫ୍ରେସର କୋର୍ସର ଆୟୋଜନ କରିବାକୁ ପଡ଼ିବ ।

ଯମଦୂତ - ମୋର କ'ଣ ଭୁଲ୍ ହୋଇଗଲା ଚିତ୍ରଗୁପ୍ତ ମହାଶୟ ? ମୁଁ ତ ଘଣ୍ଟା, ମୁହୂର୍ତ୍ତ ଏବଂ ସମୟ ସବୁକୁ ପରଖି ଏହାକୁ ନେଇ ଆସିଲି । ଏହାଙ୍କର ସମୟ ମର୍ତ୍ତ୍ୟ ଲୋକରେ ସମ୍ପନ୍ନ ହୋଇଯାଇଥିଲା ।

ଚିତ୍ରଗୁପ୍ତ - କହିଲିନା, କେବଳ ଭୌତିକ ରୂପରେ ମୃତ୍ୟୁ ହେଲେ କାମ ଚଳିବ ନାହିଁ ବର୍ତ୍ତମାନ । ଏଠାକୁ ଆଣିବା ପାଇଁ ଜରୁରୀ କାଗଜପତ୍ର ହେବା ଦରକାର । ଏହି ନୂଆ ପ୍ରଣାଳୀ ପ୍ରସ୍ତୁତ କରାଯାଇଛି ।

ଯମଦୂତ - କାଗଜପତ୍ର ! କିପରି କାଗଜପତ୍ର ଚିତ୍ରଗୁପ୍ତ ମହାଶୟ ? ଆପଣଙ୍କ ଠାରୁ ତ ଆଦେଶର କପି ନେଇ ଯାଇଥିଲି ।

ଚିତ୍ରଗୁପ୍ତ - ଆଜିକାଲି ଯମଲୋକର ଆଦେଶରେ କେବଳ କାମ ଚାଲିବ ନାହିଁ । ଏଠାକୁ ଆସିବା ପାଇଁ ଭାରତ ସର୍କାରଙ୍କ ଆଧାର କାର୍ଡ଼ ବି ଜରୁରୀ । ତେଣୁ ବିନା ଆଧାରକାର୍ଡ଼ରେ ଏହାକୁ ଏଠାରେ ରଖିପାରିବ ନାହିଁ ।

ଯମଦୂତ - ତେବେ ଏହାକୁ ମର୍ତ୍ତ୍ୟ ଲୋକକୁ ଫେରାଇ ଦେବି ?

ଚିତ୍ରଗୁପ୍ତ - ଏମିତି କ'ଣ ଅଯଥା କଥାବାର୍ତ୍ତା କରୁଛ ? ଥରେ ଏଠାକୁ ଆସିବା ପରେ ଦ୍ୱିତୀୟଥର ପାଇଁ ପୃଥିବୀକୁ ପଠାଇ ହେବନାହିଁ । ଏଠାରେ ସିଙ୍ଗିଲ୍ ଟ୍ରେକ୍ କେବଳ । ତମକୁ ଜଣା ଅଛିତ ?

ଯମଦୂତ - ତେବେ ?

ଚିତ୍ରଗୁପ୍ତ - ହଉ ଦେଖିବା, କିଛି କରିବାକୁ ପଡ଼ିବ । ଚିତ୍ରଗୁପ୍ତ କିଛି ସମୟ ପର୍ଯ୍ୟନ୍ତ ଭାବିବାକୁ ଲାଗିଲେ ଏବଂ ପୁଣି ଆତ୍ମାକୁ ପଚାରିଲେ, ହେ ଆତ୍ମା ! ତୁମର ଆଧାରକାର୍ଡ଼ ହୋଇଥିଲା । ତାହାକୁ ତୁମେ ବନେଇଥିଲ ?

ଯମଦୂତ - ନାଁ ।

ଚିତ୍ରଗୁପ୍ତ - କାହିଁକି ବନାଇଲ ନାହିଁ ?

ଯମଦୂତ - ମୋର ବୟସ ୯୦ ବର୍ଷ ହୋଇଗଲା । ଆଂଗୁଳିର ଚିହ୍ନ ଲିଭିଗଲା । ଆଧାରକାର୍ଡ଼ ତିଆରି କରିବା ବାଲା ଖୁବ୍ ଚେଷ୍ଟା କଲେ । ମାତ୍ର ଇମ୍ପ୍ରେସନ୍ ଆସିଲାନାହିଁ । ତେଣୁ ସେମାନେ କହିଲେ ମୋର ଆଧାରକାର୍ଡ଼ ହୋଇପାରିବ ନାହିଁ ।

ଚିତ୍ରଗୁପ୍ତ - ବାଃ, ସେମାନେ ନିଜ କାମକୁ ଆମ ମୁଣ୍ଡରେ ଢାଳିଦେଲେ । ତୁମକୁ ତ ଜଣାଥିବ ତମ ସର୍କାର କାନୁନ୍ ବନାଇଛନ୍ତି ମୃତ୍ୟୁପରେ ବି ଆଧାରକାର୍ଡ଼ ଦର୍କାର । ତୁମେ ବିନା ଆଧାର କାର୍ଡ଼ରେ ଆସିଗଲ । ପ୍ରଥମତଃ ବିନା ଆଧାର କାର୍ଡ଼ରେ ତୁମେ ମୃତ୍ୟୁବରଣ କଲ କେମିତି ? ଦ୍ୱିତୀୟତଃ ଏହି ଯମଦୂତର ଏମିତି ଭୁଲ୍ ହେଲା ଯେ, ବିନା ଆଧାର କାର୍ଡ଼ରେ ତୁମକୁ ଏଠାକୁ ନେଇଆସିଲା । ଏହାକୁ ନୂଆ ନିୟମ ଜଣାନାହିଁ । ତେଣୁ ଏହି ଭୁଲ୍ ପାଇଁ ତାଙ୍କୁ ଦଣ୍ଡ ମିଳିବ । ହୋଇପାରେ ଗୋଟେ ଦିନ ଦରମା କଟା ଯାଇପାରେ ।

ଆତ୍ମା - ତେବେ, ବର୍ତ୍ତମାନ କ'ଣ ହେବ ?

ଚିତ୍ରଗୁପ୍ତ - ବର୍ତ୍ତମାନ କ'ଣ ? ତୁମକୁ ପୁଣି ଆଉଥରେ ଧରିତ୍ରୀ ଉପରକୁ ପଠାଯାଇପାରିବ ନାହିଁ ।

ଆତ୍ମା - ତେବେ ଅନ୍ୟ କେଉଁଠିକୁ....

ଚିତ୍ରଗୁପ୍ତ - ତୁମକୁ ଅନ୍ତରୀକ୍ଷକୁ ମଧ୍ୟ ପଠାଯାଇପାରିବ ନାହିଁ । ତୁମ ଦେଶରେ ତ ସମବର୍ତ୍ତୀ ସୂଚୀ ପ୍ରସ୍ତୁତ ହୋଇଛି । ଏହାର ଅର୍ଥ କିଛି କାମ କେନ୍ଦ୍ର ସର୍କାର ଅଧୀନରେ କିଛି କାମ ରାଜ୍ୟ ସର୍କାରଙ୍କ ଅଧୀନରେ । କିଛି କାମ ଦୁଇ ଦର୍କାର ମିଳିତ ଭାବେ କରିବେ । ଯାହାକୁ କୁହାଯାଏ, ସମବର୍ତ୍ତୀ ତାଲିକା । ଯମଲୋକର ଏମିତି ସମ୍ବିଧାନ ନାହିଁ । ଏଠିତ ନର୍କ ଅଥବା ସ୍ୱର୍ଗ । ତୃତୀୟ କୌଣସି ତାଲିକା ବା ସୂଚୀ ନାହିଁ ।

ଆତ୍ମା - ତେବେ, ମୋତେ କିଛିଦିନ ସ୍ୱର୍ଗରେ, କିଛିଦିନ ନର୍କରେ ରହିବାର ବ୍ୟବସ୍ଥା କରିଦିଅନ୍ତୁ ।

ଚିତ୍ରଗୁପ୍ତ - ଆରେ, ଏଠାକୁ ତୁମର ପ୍ରବେଶ ନିୟମ ବହିର୍ଭୂତ ହୋଇଛି । ଯେମିତି ବିନା ପାସ୍‌ପୋର୍ଟରେ କୌଣସି ଦେଶକୁ ଧସେଇ ପଶିଯିବା ।

ଆତ୍ମା - ତେବେ, ମୋର ପାସପୋର୍ଟ ବନାଇ ଦିଅନ୍ତୁ ।

ଚିତ୍ରଗୁପ୍ତ - ଆଧାରକାର୍ଡ଼ ହିଁ ଏଠାକାର ପାସ୍‌ପୋର୍ଟ । ଏବେ ଯମରାଜଙ୍କୁ ପଚାରିବାକୁ ପଡ଼ିବ ତୁମର କେଶ୍‌କୁ କ'ଣ କରାଯିବ ।

ଆତ୍ମା - ଆପଣ ବି ସମବର୍ତ୍ତୀ ସୂଚୀ ପ୍ରସ୍ତୁତ କରିଦିଅନ୍ତୁନା । ଏହି କଥା ଯମରାଜଙ୍କୁ ପ୍ରପୋଜାଲ୍ ଦିଅନ୍ତୁ ।

ଚିତ୍ରଗୁପ୍ତ - ଭାରତଭଳି ଆମ ସମ୍ବିଧାନ କାରବାର ବଦଳାଯାଏନାହିଁ । ଯାହା ଥରେ ପ୍ରଣୟନ ହୋଇଛି, ତାହାହିଁ ଏବେବି ବଳବତ୍ତର ହୋଇ ରହିଛି ।

(ଯମରାଜଙ୍କ ସର୍କାରୀ କାର୍ଯ୍ୟାଳୟରେ ଚିତ୍ରଗୁପ୍ତଙ୍କ ପ୍ରବେଶ । ଯମରାଜଙ୍କ ଦପ୍ତରରେ ପହଞ୍ଚିଲାବେଳକୁ ଯମରାଜ ଭାରତରମୃତ୍ୟୁ ମୂଲ୍ୟାଙ୍କନ କରୁଥିଲେ ।) ହଠାତ୍ ଚିତ୍ରଗୁପ୍ତଙ୍କୁ ଦେଖି କହିଲେ, ଚିତ୍ରଗୁପ୍ତ ତମେ ଠିକ୍ ସମୟରେ ଆସିଯାଇଛ । ଭାରତରେ ଆନୁପାତିକ ହାରରେ ଆୟୁ ବଢ଼ିଛି । ମୃତ୍ୟୁ ସଂଖ୍ୟା ଧୀରେଧୀରେ କମ୍ ହେବାରେ ଲାଗିଛି । ପୁଣି ଭାରତ ପାର୍ଲାମେଣ୍ଟରେ ସର୍କାର ଶୂନ୍ୟକାଳ ପ୍ରଶ୍ନର ଉତ୍ତର ରଖି କହିଛନ୍ତି ୭୦ବର୍ଷରେ ମଣିଷର କିଛି ହୁଏନାହିଁ । କ'ଣ ୭୦ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ବଢ଼ିଛି କି ?

ଚିତ୍ରଗୁପ୍ତ - ମହାରାଜ, ହିସାବ କିତାବ ପରେ କରିବେ । ଏବେତ ଏକ ଜଟିଳ କେଶ୍ ଆସିଛି । ଏହାକୁ ପ୍ରଥମେ ସମାଧାନ କରନ୍ତୁ ।

ଯମରାଜ - କ'ଣ ସେଇ ସମସ୍ୟା ?

ଚିତ୍ରଗୁପ୍ତ - ଆଧାର କାର୍ଡ଼ ବିନା ମଣିଷଟି ମରିଯାଇଛି । ଯମଦୂତ ବିନା ଆଧାରକାର୍ଡ଼ରେ ଏଠାକୁ ନେଇଆସିଛି । ଏବେ ଏହାଙ୍କୁ କେଉଁଠି ରଖିବା ? ଏହି ଜଟିଳ ସମସ୍ୟା ଉତ୍ପନ୍ନ ହୋଇଛି ।

ଯମରାଜ - ଯମଦୂତଙ୍କୁ ଭାରତର ଏହି ନିୟମ ସମ୍ପର୍କରେ କ'ଣ ଜଣା ନଥିଲାକି ? ଯଦି ଜଣା ନଥିଲା ତେବେ ତାଙ୍କୁ କହିନଥିଲ କି ?

ଚିତ୍ରଗୁପ୍ତ - (ଚୁପ୍‌ଚାପ୍ ଛିଡ଼ା ହୋଇଥିଲେ । ପାଟିରୁ କଥା ବାହାରୁନଥିଲା ।)

ଯମରାଜ - ଆରେ, ଯମଲୋକର ଏସବୁ କ'ଣ ହେଉଛି ? ରେଗୁଲାର କ୍ଲାସ୍ ନେଲାବାଲା ସବୁ କେଉଁଠିକୁ ଯାଇଛନ୍ତି ? ତୁମେ ତ ଜାଣ ମୁଁ ସମସ୍ତଙ୍କର ଇ.ଏଲ୍., ସି.ଏଲ୍., ଏଚ୍.ପିଏଲ୍ ସବୁ ପ୍ରକାର ଛୁଟି ବାତିଲ୍ କରିଛି ।

ଚିତ୍ରଗୁପ୍ତ - ହେ ମହାରାଜ, ଏହାକୁ ପରେ ଦେଖିବେ । ନହେଲେ ଏକ୍‌ସନ୍ ନେବେ । ବର୍ତ୍ତମାନ ତ ମାମଲାର ସମାଧାନ କରନ୍ତୁ । କିଛି ଉପାୟ କରନ୍ତୁ ।

ଯମରାଜ - ଏକ ପ୍ରତିନିଧି ମଣ୍ଡଳ ଭାରତ ସର୍କାରଙ୍କ ପାଖକୁ ପଠାଅ । ତାଙ୍କୁ ଆମର କଠିନତା ସଂପର୍କରେ କୁହ ।

ଚିତ୍ରଗୁପ୍ତ - ମହାରାଜ, ଏ ତ ଲମ୍ୱା ପ୍ରକ୍ରିୟା । ପ୍ରଥମେ ପ୍ରତିନିଧି ମଣ୍ଡଳ ଯିବେ ବୋଲି ଯମଲୋକରୁ ଏକ ଚିଠି ପ୍ରସ୍ତୁତ କରିବାକୁ ପଡ଼ିବ । ସେଠାରୁ ପୁଣି ଉତ୍ତର ଆସିବ । ପୁଣି ପ୍ରତିନିଧି ମଣ୍ଡଳରେ କିଏ କିଏ ଯିବେ, ଏହାକୁ ନିଶ୍ଚିତ କରିବାକୁ ହେବ । ଭାରତ ସର୍କାର ଯେଉଁ ଡେଟ୍ ଦେବେ, ସେଇ ସମୟରେ ଯିବାକୁ ହେବ । ବର୍ତ୍ତମାନ ତତ୍କାଳ କ'ଣ କରାଯିବ ?

ଯମରାଜ - ଆଚ୍ଛା କହିଲ ? ସେଠାରେ ମୃତ୍ୟୁ ଡିପାର୍ଟମେଣ୍ଟର ପ୍ରମୁଖ କିଏ ?

ଚିତ୍ରଗୁପ୍ତ - ହେ ମହାରାଜ, କାହିଁକି ଏମିତି ଅନୁସଂଧାନ କରି ଆମର ସମୟ ବରବାଦ କରିବା ? ମର୍ତ୍ତ୍ୟଲୋକର ଯେଉଁଦଳ ଶକ୍ତିଶାଳୀ, ସେଇ ଦଳର କେହି ନେତା ଜଣେ ପ୍ରମୁଖ ହୋଇଥିବ । ଏବେ ଏହି ପ୍ରସଙ୍ଗ ଛାଡ଼ନ୍ତୁ ।

ଯମରାଜ - ସେଠାରେ ତ ଏହା ଉପରେ କିଛି ବ୍ୟବସ୍ଥା ହୋଇଥିବ ନା ?

ଚିତ୍ରଗୁପ୍ତ - କ'ଣ ଆଉ ହୋଇଥିବ । ସୁପ୍ରିମ୍‌କୋର୍ଟ ଯାହାବି ଆଦେଶ ଦେଉଛନ୍ତି, ତାହାକୁ ସେମାନେବି ମାନୁନାହାନ୍ତି । ଅପରପକ୍ଷରେ ସର୍କାର ଯାହା ଲାଗୁ କରୁଛନ୍ତି, ସୁପ୍ରିମ୍‌କୋର୍ଟ ବି ରିଜେକ୍ଟ କରିଦେଉଛି ।

ଯମରାଜ - ଚିତ୍ରଗୁପ୍ତ ମହାଶୟ, ମୋତେ ତୁମେ ବୁଝାଅ, ଯେବେ ମୃତ୍ୟୁପରେ ମଧ୍ୟ ଆଧାରକାର୍ଡ଼ ଦର୍କାର, ତେବେ ବିନା ଆଧାର କାର୍ଡ଼ରେ ଡାକ୍ତର ମୃତ୍ୟୁ ପ୍ରମାଣପତ୍ର ଦେଲେ କିପରି ? ଏହାକୁ ଜଳାଇବା ପାଇଁ କାଠ କାହିଁକି ଦିଆଗଲା । କଫନ୍ ଏବଂ ଅନ୍ୟ ସାମଗ୍ରୀ ଖର୍ଦ୍ଦ କରାଗଲା କାହିଁକି ? ଏହାର ଯାଞ୍ଚ ହେଉ ।

ଚିତ୍ରଗୁପ୍ତ - ଆମେ କ'ଣ କରିବା ମହାରାଜ ?

ଯମରାଜ - ତୁମେ ମର୍ତ୍ତ୍ୟଲୋକ ଯାଅ । ସଂପୂର୍ଣ୍ଣ ଭାବରେ ବୁଝିଆସ । ପୁଣି ଏଠାରେ କିଛି କରିବା । ନୂଆ କାନୁନ୍ ବନାଇଦେବା ।

ଚିତ୍ରଗୁପ୍ତ - ମହାରାଜ, ଆପଣ ବି ମୋତେ ମର୍ତ୍ତ୍ୟଲୋକ ଯିବାକୁ କହୁଛନ୍ତି ? ସେଠାରେ ବି ଆଧାର କାର୍ଡ଼ ଦରକାର ହେବ । ଏବଂ ଆଜିକାଲି ସେଠାରେ ଜଳବାୟୁ ପରିବର୍ତ୍ତନ ଉପରେ ତର୍କବିତର୍କ ଚାଲୁଅଛି । ସେଠାରେ ଖୁବ୍ ଗରମ ପଡ଼ିଛି । ଏଥିପାଇଁ ଫଣ୍ଡିଂ ବ୍ୟବସ୍ଥା କରନ୍ତୁ । ଟି.ଏ. ଡି.ଏ. ଏବଂ ଫ୍ଲାଇଟ୍ ବୁକିଂର ବ୍ୟବସ୍ଥା ଆଦି...

(ଯମରାଜ ଚିତ୍ରଗୁପ୍ତ କଥା ଶୁଣି ଚିନ୍ତାମଗ୍ନ ଅବସ୍ଥାରେ ବସି ରହିଲେ କେବଳ ।)

କାନ୍ଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

---

## ସ୍ମୃତି ଶତଦଳ ୧୭

# ॥ ସ୍ଥୂଳତାରୁ ସୂକ୍ଷ୍ମତା, ଏକ ସ୍ୱପ୍ନ ଆରୋହଣ ॥



ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

"କର୍ମଣ୍ୟେ ବା'ଧିକାରସ୍ତେ, ମା' ଫଳେଷୁ କଦାଚନ' ଗୀତାର ଏ ଅମୃତ ବାଣୀ ଶହେ ପ୍ରତିଶତ ସତ, କାରଣ "ଆମେ କେବଳ ଆମର କର୍ମ ହିଁ କରିଯିବା, ଫଳାଫଳ ପାଇଁ କେବେ ହେଲେ ଆଶା ରଖିବା ନାହିଁ । ଗୋଟିଏ ଗୋଟିଏ ପେଶାରେ ଏତେ କର୍ମ ବହୁଳତା ଖୁନ୍ଦି ହୋଇରହିଥାଏ ଯେ, ବିଶ୍ରାମ ନେବାକୁ ଫୁରସତ ମଧ୍ୟ ମିଳେ ନାହିଁ । ଡାକ୍ତରୀ ଜୀବନରେ ସମୟର ଅଫୁରନ୍ତ ଉତ୍ସ କାହିଁ ? ବେଳେବେଳେ ମନ ବିଳାସମୟ ଚାକିରୀଟିଏ ଲୋଡ଼ିଥାଏ କିନ୍ତୁ ଯେଉଁଠି ନିକିତିର ଗୋଟିଏ ପଟେ ମୂଲ୍ୟବାନ ଜୀବନ ଓ ଆରପଟେ କର୍ମ ଥାଏ, ସେଠି ଜୀବନଟିଏ ବଞ୍ଚାଇବାକୁ ତ ଦିନ ଦିନ ଧରି ପରିଶ୍ରମ ହିଁ କରିବାକୁ ପଡ଼ିଥାଏ । ଆମ ପ୍ରଫେସନରେ ଆମକୁ ଅନେକ ରୋଗୀଙ୍କୁ ଓ ଏମେର୍ଜେନ୍ସି କେସ୍‌ମାନଙ୍କୁ ସବୁବେଳେ ଦେଖିବାକୁ ପଡ଼ିଥାଏ । ଗୋଟିଏ ବନ୍ଧ୍ୟାରୋଗୀକୁ ବହୁ କଷ୍ଟରେ ଔଷଧ ଦେଇ, ତା'ର ପରୀକ୍ଷା, ନିରୀକ୍ଷା ତଥା ଔଷଧ ଦେଲାପରେ ସେ ଗର୍ଭଧାରଣ କରିଥାଏ ଏବଂ ଗର୍ଭଧାରଣ ପରେ ଦୀର୍ଘ ନଅମାସ ଧରି ଚିକିତ୍ସା କରି ତାକୁ ଡେଲିଭରି କରିବାକୁ ପଡ଼ିଥାଏ । ଗର୍ଭରେ ଶିଶୁର ଭ୍ରୁଣ ସଂଚାର ହେବା ଦିନ ଠାରୁ ସେ ସ୍ତ୍ରୀରୋଗ ବିଶେଷଜ୍ଞଙ୍କୁ ଚିହ୍ନିଥାଏ ଏବଂ ଡେଲିଭରି ହେଲାବେଳେ ଶିଶୁକୁ ମା'ର ଗର୍ଭରୁ କାଢ଼ି ଆଣିବାବେଳେ ମଧ୍ୟ ସେ ପ୍ରଥମେ ଡାକ୍ତରଙ୍କୁ ହିଁ ଦେଖିଥାଏ ଓ ଚିହ୍ନିଥାଏ । ତା'ପରେ ମା' ବାପାଙ୍କୁ ଓ ଆତ୍ମୀୟ ସ୍ୱଜନଙ୍କୁ ଦେଖିଥାଏ ।

ମତେ ଲାଗେ କବି ଓ ସାହିତ୍ୟିକାଟିଏ ହୋଇଥିବାରୁ ଅଧିକାଂଶ ରୋଗୀଙ୍କ ଆଖିରୁ ମୁଁ ଏକ ମଧୁରତମ ସଂପର୍କଟିଏ ଖୋଜି ପାରେ ଏବଂ ତାଙ୍କ ମନ ଭିତରର ଭାଷାକୁ ମଧ୍ୟ ମୁଁ ପଢ଼ିପାରିଥାଏ । ସେତିକିବେଳେ ସ୍ଥୂଳତାରୁ ସୂକ୍ଷ୍ମତା ଆଡ଼କୁ ମୋର ଏକ ମନୋରମ ଆରୋହଣ ହୋଇଥାଏ ।

ସେମିତି ରୋଗୀଟିଏ ଥିଲା ସୁରମା (ଛଦ୍ମନାମ) । ସେ ଆସିଥିଲା ସୁଦୂର କେନ୍ଦ୍ରାପଡ଼ାରୁ । ଏତିକି ଖୁସି ଲାଗୁଥିଲା ପ୍ରତ୍ୟେକ ମାସ ନିର୍ଦ୍ଧାରିତ ଚେକ୍‌ଅପ୍ ତାରିଖରେ ସେ ଆସୁଥିଲା ଏବଂ ଅଲ୍‌ଟ୍ରାସାଉଣ୍ଡ ଠାରୁ ଆରମ୍ଭ କରି, ରକ୍ତ ପରୀକ୍ଷା କରି ଔଷଧ ପତ୍ର ଖାଉଥିଲା । ପ୍ରାୟ ପ୍ରତ୍ୟେକଥର ସେ' ତା' ସ୍ୱାମୀଙ୍କ ସହ ଆସୁଥିଲା । ତା' ସ୍ୱାମୀ ଖୁବ୍ ବେଶୀ ଉଚ୍ଚଶିକ୍ଷିତ ନ ହେଲେ ବି' ସବୁ ନୀତିନିୟମକୁ ମାନୁଥିଲେ । ପ୍ରାୟ ନିର୍ଦ୍ଧାରିତ ତାରିଖ ବେଳକୁ ପେସେଣ୍ଟର ଲେବର ପେନ୍ ଆରମ୍ଭ ହେଲା, ଏବଂ ସେ ଆସି ହସ୍‌ପିଟାଲ୍‌ରେ ପହଞ୍ଚିଲା । ମୁଁ ଲେବର୍‌ରୁମ୍‌ରେ ଯାଇ ଦେଖିଲା ବେଳକୁ ପିଲାଟି ମା' ପେଟ ଭିତରେ ଓଲଟା ଅଛି ଏବଂ ଗୋଡ଼ ଯୋଡ଼ିକ ତଳକୁ ଅଛି (ବ୍ରିଚ ପେଜେଣ୍ଟେସନ) । ସେ ପ୍ରଥମ ଗର୍ଭା ଥିଲା ଏବଂ ପ୍ରଥମଥର ଗୋଡ଼ବାଟେ ନର୍‌ମାଲ୍ ଡେଲିଭରି ସମ୍ଭବପର ନଥିଲା । ତେଣୁ ସିଜରିଆନ୍ କରିବା ପାଇଁ ସ୍ଥିର କଲି । ଏପଟେ ସେମାନଙ୍କର ଏକାଜିଦ୍ "ଆପଣ ଯେମିତି ହେଲେ ନର୍‌ମାଲ୍ ଡେଲିଭରି କରନ୍ତୁ । ଆଦୌ ସୁରମାର ପେଟ କଟାହେବ ନାହିଁ । ମୁଁ ତା' ସ୍ୱାମୀ ଓ ଗାର୍ଡ଼ିଆନ୍‌ମାନଙ୍କୁ ଡାକି ବୁଝାଇଲି, "ଦେଖନ୍ତୁ କେମିତି ଛୁଆଟି ପେଟ ଭିତରେ ଘୂରି ଘୂରି ଓଲଟି ଯାଇଛି । ନରମାଲ୍ ଡେଲିଭରି ହେଲେ ଗୋଡ଼ ଖସି ଆସିବ କିନ୍ତୁ ମୁଣ୍ଡ ଅଟକି ଯାଇପାରେ ଏବଂ ଶିଶୁ ନିଃଶ୍ୱାସ ନେଇ ନ ପାରେ । ତେଣୁ ସବୁ ଦୃଷ୍ଟିରୁ ମା'ର ସିଜରିଆନ୍ ସେକ୍‌ସନ୍ କରିଦେଲେ, ମା' ଓ ଶିଶୁ ଉଭୟ ସୁସ୍ଥ ରହିବେ । "ସୁରମାର ସ୍ୱାମୀ ହଠାତ୍ ରାଗି ଯାଇ କହିଲା "କଣ ହେଲା, ନଅ ମାସ କାଳ ମୁଁ ଜଣେ ପ୍ରଫେସରଙ୍କୁ ଦେଖାଇଲି, ଅଥଚ ପିଲା ଓଲଟି ଗଲା । ମୁଁ କିଛି ଜାଣେନି, ଆପଣ ସୁରମାର ଯେମିତି ହେଲେ ନର୍‌ମାଲ୍ ଡେଲିଭରି କରନ୍ତୁ ।" ଯେତେ ବୁଝାଇଲେ ବି ସେ ବୁଝିବାକୁ ନାରାଜ ଏବଂ ମୋ ପାଖରୁ ଆଉ କେଉଁଠିକି ଯାଇ ଡେଲିଭରି କରାଇବାକୁ ମଧ୍ୟ ମନା କରିଦେଲା ।

ମୁଁ ବଡ଼ ହରଡ଼ଘଣାରେ ପଡ଼ିଗଲି କିନ୍ତୁ ସେମାନଙ୍କ ଉପରେ ମୁଁ ଆଦୌ ରାଗିପାରିଲି ନାହିଁ । ଶେଷକୁ ବ୍ରହ୍ମାସ୍ତ୍ର ପ୍ରୟୋଗ କରିବାକୁ ମତେ ପଡ଼ିଲା । ତାକୁ ପାଖକୁ ଡାକି ବୁଝାଇଲା ଭଳି କହିଲି "ବାପା ଦେଖ ଏ ସାରା ସଂସାରରେ ପ୍ରାୟ ସତାନବେ ପ୍ରତିଶତ ଡେଲିଭରିରେ ଛୁଆମାନଙ୍କର ଆଗ ମୁଣ୍ଡ ବାହାରିଆସେ, ମାନେ ସେମାନେ ତଳକୁ ମୁଣ୍ଡ ନୁଆଁଇ ଥା'ନ୍ତି ଏବଂ ତାପରେ ସେମିତି ମୁଣ୍ଡ ନୁଆଁଇ ଡେଲିଭରି ହୋଇଥାନ୍ତି ଓ ପୃଥିବୀକୁ ଛୁଇଁଥାନ୍ତି ଏବଂ ସାରା ଜୀବନ ନତମସ୍ତକ ହୋଇ ରହିଥା'ନ୍ତି କିନ୍ତୁ ଯେଉଁମାନଙ୍କର ଗୋଡ଼ ତଳକୁ ଥାଏ ଓ ମୁଣ୍ଡ ଉପରକୁ ଥାଏ, ସେମାନେ ଜନ୍ମ ହେଲା ବେଳକୁ ଆଗ ପୃଥିବୀରେ ଦୁଇ ପାଦ ପକାଇ ଜନ୍ମ ନେଇଥାଆନ୍ତି ଏବଂ ସେମାନେ ସାରା ଜୀବନ ମୁଣ୍ଡ ଉପରକୁ କରି ରାଜା ଭଳି ଚାଲିଥା'ନ୍ତି । ଆଜୀବନ କାହା ପାଖରେ ମୁଣ୍ଡ ନୁଆଁଇ ନଥାନ୍ତି । ତେଣୁ ତୁମ ପିଲା ଖୁବ୍ ସ୍ୱାଧୀନ ମନୋବୃତ୍ତି ନେଇ ପାଦ ପକାଇ ପୃଥିବୀରେ ଜନ୍ମନେବ ମନା କରୁଛ, କାହିଁକି ? ସ୍ୱାମୀ, ସ୍ତ୍ରୀ ଦି' ଜଣ ଯାକ ଏକାଥରେ ଏକ୍‌ଦମ୍ ଅଭିଭୂତ ହୋଇଗଲେ । ସୁରମାର ସ୍ୱାମୀ ଆସି ମୋର ଗୋଡ଼ ଧରି ପକାଇଲେ ଏବଂ କହିଲେ, ମ୍ୟାଡ଼ମ୍ ଆପଣ ଖୁବ୍ ଶୀଘ୍ର ସୁରମାର ସିଜିରିଆନ୍ ସେକ୍‌ସନ୍ କରନ୍ତୁ, ପୁଅ ଥିଲେ ରାଜା ହୋଇ ଜନ୍ମ ହେବ ଏବଂ ଝିଅ ହେଲେ ରାଣୀ ହେବ, ପୁଅ ହେଉକି ଝିଅ ହେଉ ଯାହା ହେଲେ ବି ସ୍ୱାଗତ ଯୋଗ୍ୟ । ଗୋଟିଏ ସୁସ୍ଥ ଛୁଆ ହେଉ ତ, ଯାହା ବି ହେଉ, ଆମେ ବହୁତ ଖୁସିହେବୁ ।

ସମସ୍ତେ ବୁଝି ସାରିଲା ପରେ ସୁରମାର ସିଜରିଆନ୍ କଲି । ତା'ର ସୁନ୍ଦର ପୁଅଟିଏ ଜନ୍ମ ହୋଇଥିଲା ଏବଂ ଶ୍ରଦ୍ଧାରେ ତା' ନାଁ ଦେଇଥିଲେ 'ରାଜା' । ପ୍ରାୟ ବର୍ଷ ବର୍ଷ ଧରି ସୁରମା ଓ ତା' ସ୍ୱାମୀ ମୋ ପାଖକୁ ଆସିଛନ୍ତି ଓ ମୁଁ ତାଙ୍କୁ ଚିକିତ୍ସା କରିଛି । କିନ୍ତୁ ସେଦିନର ସେ କଥା ଏଯାଏଁ ଭୁଲିପାରିନାହିଁ ।

ଅନ୍ୟ ଡାକ୍ତରମାନେ ମଧ୍ୟ ଏହିଭଳି ଅବୁଝା ଏବଂ ଅନନ୍ୟ ପରିସ୍ଥିତିର ସାମ୍ନା କରିଥା'ନ୍ତି । ମେଡ଼ିକାଲ୍ ଟର୍ମରେ ବୁଝାଇ ସୁଝାଇ ରାଜି କରାଇଥା'ନ୍ତି ଏବଂ କାଳକ୍ରମେ ଏହାକୁ ଭୁଲିଯାଇଥା'ନ୍ତି । କିନ୍ତୁ ମୋ ପାଇଁ ଏହି ଅନୁଭୂତି ଖୁବ୍ ପ୍ରାଣବନ୍ତ ଓ ସ୍ପର୍ଶକାତର ହୋଇପଡ଼େ ଓ ମନର ଅତି ସୂକ୍ଷ୍ମ ସ୍ତରକୁ ସ୍ପର୍ଶ କରିଥାଏ । ଏଭଳି ଭାବପ୍ରବଣ ସମସ୍ୟା ଓ ତାର ସରଳ ସମାଧାନର ପନ୍ଥା ମୋର ଅନ୍ତରାତ୍ମାକୁ ଛୁଇଁଥାଏ, ତେଣୁ ତ' ସେଗୁଡ଼ିକ ଅନେକ ଦିନ ଯାଏଁ ଭୁଲି ହୁଏ ନାହିଁ । ସେଇ ରୋଗୀଗୁଡ଼ିକ ଏ ଯାଏଁ ମୋ' ମନରେ ଅଛନ୍ତି ଓ ରହିଥିବେ ମଧ୍ୟ ।

ଅନେକ ରୋଗୀ ଏମିତି ବି ଅଛନ୍ତି ଯେଉଁମାନେ ଝିଅଟିଏ ଜନ୍ମ ହେଲା ପରେ, ସେମାନେ ଓ ତାଙ୍କ ସ୍ୱାମୀଙ୍କ ପରିବାର ବର୍ଗ ଭୋ ଭୋ ହୋଇ କାନ୍ଦିଛନ୍ତି । କିନ୍ତୁ ପରେ ସେମାନେ ଅତି ଆଦରରେ ଅଲିଅଳ କନ୍ୟାଟିକୁ ଶିକ୍ଷା ଦୀକ୍ଷା ଦେଇଛନ୍ତି ଏବଂ ପ୍ରଭାତ ଫେରିରେ କନ୍ୟାଭ୍ରୁଣ ହତ୍ୟା ଉପରେ ଲିଖିତ ମୋ'କବିତା 'ଆତ୍ମଜା' କୁ ଗାଇଗାଇ ଚାଲିଛନ୍ତି । ସେତେବେଳେ ଝିଅର ମା'ମାନେ ଅତି ଗର୍ବର ସହ ମତେ କହିଥା'ନ୍ତି "ମ୍ୟାଡ଼ାମ୍, ଅତି ଗର୍ବର ସହ ଆଜି ସ୍ୱୀକାର କରୁଛି ଯେ, 'ମୋ ଝିଅ ଆପଣଙ୍କ ହାତରେ ଜନ୍ମ ନେଇଥିଲା- ସେ ଆପଣଙ୍କ ପରି ଡାକ୍ତର ହିଁ ହେବ ।" ସେତେବେଳେ ମତେ ଖୁବ୍ ଖୁସି ଲାଗେ ।

କିନ୍ତୁ ବେଳେବେଳେ ଉଚ୍ଚ ମଧ୍ୟବିତ୍ତ ପରବାରର ବୋହୂମାନେ ମଧ୍ୟ ଗର୍ଭଧାରଣ ପୂର୍ବରୁ, ଗର୍ଭାବସ୍ଥାରେ ଏବଂ ଝିଅଟିଏ ଡେଲିଭରି ହେବା ପରେ ଅବହେଳିତା ଥିବାରୁ ଏବଂ ଅଯତ୍ନର ଶିକର ହେବାରୁ ଅତି କରୁଣ ଆଖିରେ ମତେ ଚାହିଁଛନ୍ତି । ସେଇ ନୀରବତା ମୋ ଭିତରେ ଭାଷା ହୋଇ ପ୍ରକାଶ ପାଇଛି ଏବଂ ମୁଁ ତାକୁ ସ୍ୱତଃ ପ୍ରବୃତ୍ତଭାବରେ ପଚାରିଛି । "ତୁମେ ଠିକ୍ ସୁଷମ ଖାଦ୍ୟ ଖାଉଛ ତ ?" ଯେତେବେଳେ ସେମାନେ ମତେ ଅନୁରୋଧ କରିଛନ୍ତି - "ମ୍ୟାଡ଼ାମ୍ ଆପଣଟିକେ ମୋ ପାଇଁ କୁହନ୍ତୁ ମତେ ଟିକେ ମାଛ, ମାଂସ, ଅଣ୍ଡା ଓ ଫଳ ଆଦି ଖାଇବାକୁ ଦେବେ । ସେତେବେଳେ ମୋ ଆଖି ଲୁହରେ ଛଳଛଳ ହୋଇଯାଏ । ଏକବିଂଶ ଶତାବ୍ଦୀରେ ମଧ୍ୟ ନାରୀମାନଙ୍କର କି କରୁଣ ଦୁର୍ଦ୍ଦଶା ।

ଏ ସବୁ ଭାବାତ୍ମକ ବୋଧ ମତେ ଟାଣିନେଇଯାଏ କାବ୍ୟର ଜଗତକୁ, ଅଶବ୍ଦ ଓ ଶବ୍ଦ, ନୀରବତା ଓ ମୁଖରତା, ଜାଗତିକ ଓ ଅଣଜାଗତିକ ତଥା ପୃଥିବୀରୁ ମହାଦିଗନ୍ତକୁ ଭିଡ଼ି ଯିବାର ବ୍ୟାକୁଳତା ତଥା ମଣିଷ ଓ ଜୀବନର ନିଚ୍ଛକ ବାସ୍ତବିକତାରୁ କଳ୍ପନାର ଏକ ଶୂନ୍ୟ ବଳୟ ମଧ୍ୟକୁ ନେଇଯାନ୍ତି । କବିତାର ଏକ ସୁରମ୍ୟ ସଉଧ ଗଢ଼ିବାରେ ସାହାଯ୍ୟ ସେଇଭାବବୋଧ ହିଁ କରିଥାଏ । ଏଇ ସବୁ ଜାଗତିକ ବୋଧରୁ କାବ୍ୟର ମହାସଉଧଟିଏ ହିଁ ନିର୍ମାଣ ହୋଇଥାଏ ଏବଂ କିଛି ସମୟ ସେଠି ସ୍ୱଚ୍ଛନ୍ଦ ବିଚରଣ କରି ପୁଣି ପୃଥିବୀକୁ ଫେରି ଆସିଥାଏ । (କ୍ରମଶଃ)

---

## ପତ୍ରିକା ସମୀକ୍ଷା

**ପ୍ରତୀକ୍ଷା**
(ପୂଜାସଂଖ୍ୟା ୨୦୨୦)
ସଂପାଦକ
**ସୁବ୍ରତ କୁମାର ନାୟକ**
ଗ୍ରା/ପୋ: କଳାପଥର, ଓମ ଶାନ୍ତି ଆଶ୍ରମପାଖ, ଖଜୁରିପଡ଼ା ରୋଡ
ବାଙ୍କୀ, କଟକ-୭୫୪୦୦୯
ମୋ:୯୪୩୭୯୪୩୨୯୭
ମୂଲ୍ୟ-୩୦ ଟଙ୍କା




କରୋନା ମହାସଂକଟ ଭିତରେ ମୃତ୍ୟୁ, ଅଭାବ, କର୍ମହୀନତା, ବିପର୍ଯ୍ୟସ୍ତ ଶିଳ୍ପ ବ୍ୟବସ୍ଥା, ସ୍ଥାଣୁ ପାଲଟିଥିବା ଶିକ୍ଷା ବ୍ୟବସ୍ଥା ଭଳି ଅନେକ ପ୍ରସଙ୍ଗ ମାନବ ସଭ୍ୟତା ସାମ୍ନାରେ ଛିଡ଼ା ହୋଇଛି । ଏହାସହ ସମତାଳରେ ମଣିଷ ଭିତରେ ବସାବାନ୍ଧି ସାରିଛି ହଠାତ୍ ଭୂତାଣୁ ଦ୍ୱାରା ଯେକୌଣସି ମୁହୂର୍ତ୍ତରେ ଆକ୍ରାନ୍ତ ହେବାର ଭୟ ସହ ଏକ ଉପାୟହୀନ ମାନସିକ ଉଦାସୀନତା । ଏହି ମହା ଦୁସ୍ଥିତି କାଳରେ ବି ସର୍ଜନାତ୍ମକ ଧାରାରେ ନୂତନ ଲେଖନୀ, ନୂତନ ପତ୍ରିକା ଏବଂ ନୂତନ ପୁସ୍ତକର ମୁକ୍ତିଲାଭକୁ ସ୍ୱାଗତ ସଂଭାଷଣ ଜଣାଇବା ଏକାନ୍ତ ଅପରିହାର୍ଯ୍ୟ । କାରଣ ପତ୍ରିକାଟିଏ ହିଁ ସମୟର ସ୍ପନ୍ଦନ, ଉଦାସ ମାନସ ପାଇଁ ନୂତନ ଉଦ୍ଦୀପନା । ବିଗତ ଶାରଦୀୟ ପତ୍ର ପତ୍ରିକା ବିଶେଷାଙ୍କ ମାନଙ୍କର ଭିଡ଼ଭିତରୁ ଟିକିଏ ନିଆରା ଢଙ୍ଗରେ କ୍ଷୁଦ୍ର କଳେବର ଅଥଚ ବଳିଷ୍ଠ ଆଭିମୁଖ୍ୟ ନେଇ ମୁକ୍ତିଲାଭ କରିଥିବା ତ୍ରୈମାସିକ ସାହିତ୍ୟ ପତ୍ରିକା ପ୍ରତୀକ୍ଷା, ପୂଜାସଂଖ୍ୟା ୨୦୨୦ର ପ୍ରଚ୍ଛଦ, ସୁନିର୍ବାଚିତ ଆଲେଖ୍ୟ ଏବଂ ପ୍ରତି ପୃଷ୍ଠାରେ ସ୍ପନ୍ଦିତ ଚେତନାର ବାର୍ତ୍ତା, ପାଠକ ସମାଜକୁ ଆହ୍ଲାଦିତ କରିବ ନିଶ୍ଚୟ ।

ପ୍ରତୀକ୍ଷା, ପ୍ରଥମବର୍ଷ ପ୍ରଥମ ସଂଖ୍ୟାର ପ୍ରଚ୍ଛଦ ଆଙ୍କିଛନ୍ତି ସୁକୀର୍ତ୍ତୀ କର । କାଶତଣ୍ଡୀ ପୁଷ୍ପଗୁଚ୍ଛ ଧରି ବାଳିକାଟିଏ ପ୍ରତୀକ୍ଷାରତା ଏବଂ ଦର୍ଶନରତା ଜଗନ୍ମୟୀ ମାଆଙ୍କର ଧରାବତରଣକୁ । ତେବେ ମୃଣ୍ମୟୀ ମାତୃଘଟର ଶାରଦୀୟ ପୂଜାର୍ଚ୍ଚନା ପରେ ସତରେ କ'ଣ ଧରାରେ ମାତୃଶକ୍ତି ପ୍ରତିଷ୍ଠିତ ହୋଇଗଲା ? ମାତୃଜାତିର ସୁରକ୍ଷା ଏବଂ ମାତୃଜାତିକୁ ସ୍ୱାବଲମ୍ବିନୀ ହୋଇ ଉଠିବାର ଆହ୍ୱାନ ଦେଇଛନ୍ତି ପ୍ରତୀକ୍ଷା ତ୍ରୈମାସିକ ପତ୍ରିକାର ସୁସଂପାଦକ ସୁବ୍ରତ କୁମାର ନାୟକ । ମାମୁନୀ ନାମ୍ନୀ ତାଙ୍କର ଜନୈକା ଛାତ୍ରୀର ସଂଘର୍ଷମୟ ଜୀବନାଲେଖ୍ୟରେ ଶ୍ରୀଯୁକ୍ତ ନାୟକ ନିଜର ସଂବେଦନଶୀଳ ଶବ୍ଦମାନ ଢ଼ାଳିବା ସହ କହିଛନ୍ତି- "ମାମୁନି ପରି ଏମିତି ଶହ ଶହ ନାରୀ ଶକ୍ତି କିଏ କୋଉଠି ଅକାଳରେ ମରୁଛନ୍ତି ତ କିଏ କାହାର ସାହାରା ପାଇଁ ସମାଜରେ ବଂଚି ଯାଉଛି । ଅନ୍ୟାୟ, ଅନୀତି, ଦୂରାଚାର ଏବଂ ଗଣଦୁଷ୍କର୍ମର ପ୍ରଭାବ ବଢ଼ିଯାଇଛି ମୋ ଶାନ୍ତିପ୍ରିୟ ଓଡ଼ିଶା ଭୂଇଁରେ ।+++ ସକଳ ନାରୀଶକ୍ତିକୁ ପ୍ରଣାମ । ବିପଦ ବେଳେ ଆତ୍ମହତ୍ୟା କି ଅନ୍ୟର ଗୋଲାମୀ ଛାଡ଼ି ନିଜର ଗୋଡ଼ରେ ଦମ୍ଭ ଧରି ଛିଡ଼ାହେବା ହିଁ ହେବ ପ୍ରକୃତ ମାତୃବେଦନାର ପରିଭାଷା ।"

ମଲାଟ ଭିତରେ ହିଁ ପତ୍ରିକାର ଚମତ୍କାର ଲଲାଟ । ପ୍ରତୀକ୍ଷାର ପ୍ରଥମ ପାଖୁଡ଼ାରେ 'କାହା ପରେ କିଏ ଅଛନ୍ତି' କ୍ରମରେ ପାଠକମାନଙ୍କ ପାଇଁ ଏକ ବସ୍ତୁନିଷ୍ଠ ପୁରାଣଭିତ୍ତିକ ପ୍ରବନ୍ଧ 'ଦୁର୍ଗୋତ୍ସବ: ଶକ୍ତି ଆଖ୍ୟାନ' ସମାପିତ ହୋଇଛି ବିପିନ ବିହାରୀ ମହାନ୍ତିଙ୍କ କଲମରେ । ପରବର୍ତ୍ତୀ 'ଆଲୋଚନା ସ୍ତମ୍ଭରେ ପ୍ରାବନ୍ଧିକା ପ୍ରତିଭା ପ୍ରିୟଦର୍ଶିନୀ ପ୍ରସ୍ତୁତ କରିଛନ୍ତି ମା' ଚର୍ଚ୍ଚିକାଙ୍କର ପୁଣ୍ୟ ଉପାସନା ପୀଠ ବାଙ୍କୀ ପାଇଁ ସୁଯୋଗ ଓ ସଂଭାବନାର ରୋଡ୍ ମ୍ୟାପ୍ । ବାଙ୍କୀର ଜୀବନରେଖା ମହାନଦୀ କୂଳବର୍ତ୍ତୀ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପାଇଁ ପ୍ରାବନ୍ଧିକାଙ୍କର ଯୋଜନାବଦ୍ଧ ଆଲେଖ୍ୟ ନିଜ ନିଜ ମାଟି ଓ ମୂଳକକୁ ବାସ୍ତବରେ ଭଲ ପାଉଥିବା ବ୍ୟକ୍ତିଙ୍କ ପାଇଁ ନବ ଉଦ୍ଦୀପନା ଆଣିବ ନିଶ୍ଚୟ ।

ସଂଖ୍ୟାଟିର ଗଳ୍ପଗୁଚ୍ଛଟି ଋଦ୍ଧିମନ୍ତ ହୋଇଛି ସୁପ୍ରଭା ସାମଲଙ୍କର କାଗଜ ଫୁଲ ସେ ସୁରଭି ହୀନ, କ୍ଷୀରୋଦିନୀ ବେହେରାଙ୍କର 'କିଛି ଅକୁହାକଥା', ପ୍ରଜ୍ଞାପାରମିତା ପଣ୍ଡାଙ୍କର 'କଖାରୁ ଡଙ୍କ', ଲକ୍ଷ୍ମୀପ୍ରିୟା ଓଝାଙ୍କର 'ସମୁଦ୍ରେ ଶୋଷ', ଚିତ୍ତରଞ୍ଜନ ନାୟକଙ୍କର 'ଭୋଟରତ୍ନ', ଲିପ୍‌ସା ଦାସଙ୍କର 'ପ୍ରେମ ଭଉଁରୀ', ମୋନାଲିସାଙ୍କର 'ବଂଧୁତ୍ୱ', ରୋଜା ପଣ୍ଡାଙ୍କର 'ବ୍ଲାକ୍ ଆଉଟ୍ ଡେ' ଏବଂ ଝୁନିଲତା ବହିରାଙ୍କର ଷଡ଼ଯନ୍ତ୍ର ଶୀର୍ଷକ ବିବିଧ ଚିତ୍ର, ଚରିତ୍ର ଓ ମନୋରମ ବ୍ୟାଖ୍ୟାନର ଶିଳ୍ପଗୁଡ଼ିକରେ । ସଂଖ୍ୟାଟିର ସାକ୍ଷାତକାର ପୃଷ୍ଠାରେ ଯୁବକବି ଗୁରୁବାରୀ ରାଉତଙ୍କ ସହିତ ସଂପାଦକଙ୍କର ଏକ ସ୍ୱତନ୍ତ୍ର ସାକ୍ଷାତକାର ପ୍ରକାଶ ପାଇଛି ।

ସଂଖ୍ୟାଟିର କବିତା ଗୁଚ୍ଛରେ ଶାଶ୍ୱତୀ କର, ନିର୍ମଳ କୁମାର ଜେନା, ଲକ୍ଷ୍ମୀ ପ୍ରସାଦ ରାଉତ, ମମତା ଜେନା, ମନୀଷା ପଣ୍ଡା, ମନୀଷା ମହାନ୍ତି, ରଂଜିତ କୁମାର ଦାସ, ସୁଦର୍ଶନ ସେଠୀ, ପ୍ରଦୀପ୍ତ କୁମାର ଦାସ, ଐଶ୍ୱର୍ଯ୍ୟା ରାଉତ, ସରୋଜିନୀ ମହାନ୍ତି, ସନ୍ତୋଷ କୁମାର ପ୍ରଧାନ, ଜୟଶ୍ରୀ ପଟ୍ଟନାୟକ, ପ୍ରଶାନ୍ତ କୁମାର ମିଶ୍ର, ରୀନା ରାଣୀ ମହାନ୍ତି, ପ୍ରଭାତୀ ମହାପାତ୍ର, ଚମକ ଚାନ୍ଦିନୀ ଦାସ, ଶିଶିର ଜେନା, ରବିନାରାୟଣ ମଙ୍ଗରାଜ, ସୁବ୍ରତ କୁମାର ସେନାପତି, ପୁଷ୍ପଲତା ମହାପାତ୍ର, ତାରା ପ୍ରସାଦ ଜେନା ଏବଂ କସ୍ତୁରୀ ଚରଣ ରାଉତଙ୍କ ପରି ବହୁ ପ୍ରତିଶୃତିବଦ୍ଧ କବିମାନଙ୍କର କବିତାସମୂହ ପାଠକଙ୍କ ପାଇଁ ଏହି ମୁକ୍ତିଲାଭ ସଂଖ୍ୟାଟିର ସ୍ୱତନ୍ତ୍ର ଭେଟି ।

ସଂଖ୍ୟାଟିର ସଂପାଦକୀୟରେ ସୁବ୍ରତ କୁମାର ନାୟକ ନିଜ ମନତଳ କଥାକୁ ବାଣ୍ଟିଲାବେଳେ ପତ୍ରିକାର ଆଭିମୁଖ୍ୟକୁ ପରିଷ୍କାର କରିଛନ୍ତି ଦୁଇଟି ବାକ୍ୟରେ । ପ୍ରଥମତଃ ବୃହତ୍ତର ପାଠକ ସମାଜ ସୃଷ୍ଟି କରିବା, ଦ୍ୱିତୀୟତଃ ନବ ପ୍ରତିଭାଙ୍କୁ ସମ୍ମାନ ଦେବା । ବୃହତ୍ ପୃଥୁଳକାୟ ପତ୍ରିକା ବଦଳରେ କ୍ଷୁଦ୍ର କଳେବରରେ ପରିଚ୍ଛନ୍ନ ପତ୍ରିକାଟିଏ ବହୁ ପାଠକଙ୍କୁ ଦେଉ ସୁଲଭ ମୂଲ୍ୟରେ ଦୁର୍ଲଭ ସୃଷ୍ଟିର ଉପହାର । ପତ୍ର ହେଉ ଅଥବା ପତ୍ରିକା ହେଉ, ତା ଭିତରେ ଲୁଚି ରହିଥାଏ ଆତ୍ମୀୟତାର ସଂଦେଶ । ଲଫାପାର ଜଉମୁଦ ହେଉ ଅଥବା ପତ୍ରିକା ମଲାଟ ହେଉ, ଉନ୍ମୋଚନର ଏକ ସ୍ୱତନ୍ତ୍ର ପୁଲକ ଥାଏ । ନବଜାତକ ଶିଶୁଟିଏ ହେଉ ଅଥବା ମାନସ ସନ୍ତାନ ପତ୍ରିକାଟିଏ ହେଉ ସେଥିରେ ଥାଏ ସଂଭାବନାର କୁଆଁ କୁଆଁ ମୂର୍ଚ୍ଛନା । ନବ ପ୍ରତିଭାଙ୍କୁ ଅଗ୍ରାଧିକାର ହେବାର ଶିବ ସଂକଳ୍ପ 'ପ୍ରତୀକ୍ଷା' ତ୍ରୈମାସିକ ନବଜାତକକୁ ମାଟି, ମୂଳକ, ଭାଷା ଓ ଜାତି ପାଇଁ କଥା କହିବାର ଶକ୍ତି ଦେଇଚାଲନ୍ତୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ନବବର୍ଷର ଶୁଭେଚ୍ଛା ସହ ଏତିକି କାମନା ।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,
ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

# ସାମ୍ବାଦିକଙ୍କୁ ମାଡ ଘଟଣା : ରାଜ୍ୟବ୍ୟାପି ଆନ୍ଦୋଳନ କରିବା ପାଇଁ ସାମ୍ବାଦିକ ସଂଘର ନିଷ୍ପତ୍ତି

ନୀଳଗିରି,୦୨।୦୧ (ନି.ପ୍ର): ଜନୈକ ବୈଦ୍ୟୁତିକ ଗଣ ମାଧ୍ୟମର କର୍ତବ୍ୟରତ ସାମ୍ବାଦିକଙ୍କୁ ବାହାନଗା ବିଡିଓଙ୍କ ମାଡ ମାରିବା ଘଟଣାର ଦୀର୍ଘ ୯ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ନିଦା ବିଷ୍ଣୁ ସାଜି କୌଣସି ସମାଧାନର ବାଟ ନବାହାରିବା ଯୋଗୁଁ ସାମ୍ବାଦିକ, ବିଭିନ୍ନ ସଂଗଠନ ସମେତ ଜନସାଧାରଣ ଏହାକୁ ଘୋର ନିନ୍ଦା କରିବା ସହିତ ତୁରନ୍ତ ବିଡିଓ ସହ ଅଭିଯୁକ୍ତ ମାନଙ୍କୁ ଗିରଫ କରି ଦୋଷୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦୃଢ ଦାବୀ କରିଛନ୍ତି। ଦୀର୍ଘ ୮ ଦିନ ଧରି ଶୀତ କାକରକୁ ଖାତିର ନକରି ନୀଳଗିରି ଥାନା ଗେଟ ସମ୍ମୁଖରେ ସାମ୍ବାଦିକ ମାନେ ଧାରଣାରେ ବସିଛନ୍ତି। ଧାରଣାରତ ସାମ୍ବାଦିକ ମଧ୍ୟରୁ ୩ଜଣ ସାମ୍ବାଦିକ ଗୁରୁତର ହୋଇଥିବା ବେଳେ ଅବସ୍ଥା ଦିନକୁ ଦିନ ସଂଗୀନ ହେବାରେ ଲାଗିଛି। ଅନ୍ୟ ୨ ସାମ୍ବାଦିକ ଥଣ୍ଡା ଜ୍ୱରରେ ପିଡିତ ହୋଇ ବାରମ୍ବାର ମେଡିସିନ ଖାଉଥିବା ଦେଖିବାକୁ ମିଳିଛି। ଏପଟେ ସରକାର ତଥା ପୋଲିସ ପ୍ରଶାସନ ଘଟଣାକୁ ଗୁରୁତ୍ୱ ନଦେଇ ଖାମଖିଆଲ ଢଙ୍ଗରେ ସାମ୍ବାଦିକଙ୍କ ଧାରଣାକୁ ଆଡ ଆଖିରେ ଦେଖୁ ନାହିଁ। ଚତୁର୍ଥସ୍ତମ୍ଭ କହୁଥିବା ଗଣ ମାଧ୍ୟମକୁ ସରକାରଙ୍କ ଏ ହୀନ ମନ୍ୟତା ଯୋଗୁଁ ସାମ୍ବାଦିକ ମାନଙ୍କର କ୍ଷୋଭ ଦିନକୁ ଦିନ ବଢୁଥିବା ବେଳେ ସରକାର ସାଧାରଣ ଜନତାଙ୍କୁ ଦୀର୍ଘ ୨୦ ବର୍ଷ ଧରି କିପରି ସ୍ୱଚ୍ଛ ଶାସନ ଯୋଗାଉଛନ୍ତି ଏଥିରୁ ସ୍ପଷ୍ଟ ଅନୁମେୟ। ସରକାରଙ୍କ ୫-ଟି ଯୋଜନାରେ ବାଲେଶ୍ୱରରେ କିପରି କାର୍ଯ୍ୟକାରୀ ହେଉଛି ଏହି ଘଟଣାରୁ ବାରିହୋଇପଡୁଛି। ଉକ୍ତ ଘଟଣା ବିଷୟରେ ଖବର ପାଇ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୁଷଣ କର ଧାରଣାରତ ସାମ୍ବାଦିକଙ୍କ ନିକଟରେ ପହଂଚି ସାନ୍ତନା ଦେବା ସହିତ ଯଦି ସରକାର କାର୍ଯ୍ୟାନୁଷ୍ଠାନ ନନିଅନ୍ତି ତାହାଲେ ସଂଘପକ୍ଷରୁ ରାଜ୍ୟ ବ୍ୟାପି ଆନ୍ଦୋଳନକୁ ତିବ୍ରତର କରାଯିବ ବୋଲି କହିଛନ୍ତି। ଜଣେ ଦବଙ୍ଗ ବିଡିଓ ଏବଂ କର୍ମଚାରୀ ମାନଙ୍କୁ ଜିଲ୍ଲା ପ୍ରଶାସନ ଘଂଟ ଘୋଡାଇଥିବା ବେଳେ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହୋଇଛି। ବାଲେଶ୍ୱର ଜିଲ୍ଲାପାଳ ଏବଂ ଏସପି ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେଇ ସାମ୍ବାଦିକ ମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ବୁଦ୍ଧିଜିବି ଇଂ ଅମୂଲ୍ୟ କୁମାର ଜେନା, ରାଜନେତା କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ , ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ଚିତରଂଜନ ଷଡଙ୍ଗୀ, ଅକ୍ଷୟ କୁମାର ଆଚାର୍ଯ୍ୟ, ସନ୍ତୋଷ ଖଟୁଆ,ଗତିକୃଷ୍ଣ ନନ୍ଦ, ନିରଂଜନ ବାରିକ, କୈଳାଶ ପଣ୍ଡା, ସିପିଏମର ଯୋଗାନନ୍ଦ ଦାସ, ବିଜୟ ପାତ୍ର,ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଂଯୋଜକ ପୁରସ୍ତମ ସାହୁ, କଳାକାର ଦାମୋଦର ପଣ୍ଡା, ବରିଷ୍ଠ ନାଗରିକ ଗୌରହରି ସିଂ, ବାଲେଶ୍ୱର ବରିଷ୍ଠ ଆଇନ ଜୀବି ମନୋଜ ନାୟକ, ପରିବେଶବିତ, ବିଭିନ୍ନ ସ୍ୱେଚ୍ଛସେବୀ ସଂଗଠନ ଦୃଢ ଦାବୀ କରିଛନ୍ତି। ଏହି ଧାରଣାରେ ସୁଧାଂଶୁ ଶେଖର ବାରିକ, ସଂଜୟ ଦାସ, ପ୍ରମୋଦ ଦାସ, ସଂଜୟ ମହାଲିକ, ଅତୁଲ ସ, ବ୍ରଜ କିଶୋର ପାଣି, ଜଗନ୍ନାଥ ପାତ୍ର, ଭଗବାନ ମହଲ, ପ୍ରଶାନ୍ତ ବିଶ୍ୱାଳ, ପ୍ରିୟନାଥ ବେହେରା, ପ୍ରକାଶ ମହାନ୍ତି, ଗୟାଧର ସାହୁ, ମନୋଜ ପ୍ରଧାନ, ଲୋକନାଥ ଦଳେଇ, ବ୍ରହ୍ମାନନ୍ଦ ସ୍ୱାଇଁ, ରୁଚିକ ରଂଜନ ମହାପାତ୍ର, ବିଭୁତିଭୁଷଣ ବେହେରା, ଖଗେନ୍ଦ୍ର ପ୍ରମାଣିକ,ବିଶ୍ୱମ୍ଭର ଦାସ ସମେତ ବହୁ ସାମ୍ବାଦିକ ଧାରଣା ସ୍ଥଳରେ ଉପସ୍ଥିତ ଥିଲେ।

## ପୁନଃ ନିଯୁକ୍ତି ଦାବିରେ ସିଡ଼ିଏମ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ

ପୁରୀ,୦୨।୦୧ (ନି.ପ୍ର): ପୁନଃ ନିଯୁକ୍ତି ଦାବିରେ ଛଟେଇ ହୋଇଥିବା ପାରା ମେଡ଼ିକାଲ କର୍ମଚାରୀମାନେ ଆଜି ସିଡ଼ିଏମ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ମେଡ଼ିକାଲ କୋଭିଡ଼ ମହାମାରୀ ସମୟରେ ରାଜ୍ୟରେ ୮୦୦୦ରୁ ଉର୍ଦ୍ଧ୍ୱପାରା ମେଡ଼ିକାଲ କର୍ମଚାରୀଙ୍କୁ ଗତ ଏପ୍ରିଲ ମାସରେ ୯୦ଦିନିଆ ନିଯୁକ୍ତି ଦିଆଯାଇଥିଲା। ନବେ ଦିନ ବଦଳରେ ୨୭୦ ଦିନ କରୋନା ଯୋଦ୍ଧା ଭାବେ ସେବା କରିବା ପରେ ସେପ୍ଟେମ୍ବର ମାସ ୩୧ ତାରିଖରୁ ସେମାନଙ୍କୁ ଆଉ ରଖାଯିବ ନାହିଁ ବୋଲି ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସେମାନଙ୍କ ପରିବାର ଓ ସେମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇ ଯାଇଥିବାରୁ ରାଜ୍ୟ ସରକାର ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ଆନ୍ଦୋଳନକାରୀ ମାନେ ଦାବି କରିଛନ୍ତି।

## ସ୍କୁଲ କଲେଜ ଖୋଲିବା ନିଷ୍ପତିକୁ ଏଭିବିପିର ସ୍ୱାଗତ

ଭୁବନେଶ୍ୱର,୦୨।୦୧ (ନି.ପ୍ର): କରୋନା ମହାମାରୀ ଯୋଗୁ ରାଜ୍ୟର ସମସ୍ତ ସ୍କୁଲ କଲେଜ ଗତ ମାର୍ଚ୍ଚ ମାସଠାରୁ ବନ୍ଦ ଥିଲା । ମହାମାରୀ ବର୍ତମାନ ନିୟନ୍ତ୍ରଣକୁ ଆସି ଅନ୍ୟ ସମସ୍ତ କାର୍ଯ୍ୟ ସ୍ୱଭାବିକ ହୋଇଥିଲେ ମଧ୍ୟ ସ୍କୁଲ କଲେଜ ଖୋଲିବା ପାଇଁ ସରକାର ପଦକ୍ଷେପ ନେଉନଥିଲେ । ଗତ ୩୧ ତାରିଖରେ ଏବିଭିପି ସ୍କୁଲ କଲେଜ ଖୋଲିବା ପାଇଁ ଦାବି କରିଥିଲା । ଆଜି ଗଣଶିକ୍ଷା ବିଭାଗ ଏହି ଦାବି ପୁରଣ କରି ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍କୁଲ ଖୋଲିବା ପାଇଁ ନିଷ୍ପତି ନେଇଛନ୍ତି ଏହା ଦ୍ୱାରା ଛାତ୍ରଛାତ୍ରୀମାନେ କିଛି ମାତ୍ରାରେ ମାନସିକ ଚାପରୁ ମୁକ୍ତି ପାଇବେ। ଆଗାମୀ ବୋର୍ଡ଼ ପରୀକ୍ଷା ପାଇଁ କୋର୍ସ ଏବଂ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କଲେ ଏହା ଫଳପ୍ରଦ ହେବ ବୋଲି ଏବିଭିପି ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର କହିଛନ୍ତି।

## କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଖଇରା,୨/୧(ନିପ୍ର) ଖଇରା ବ୍ଲକ ଅନ୍ତରା ମହତିପୁର ନୋଡାଲ ହାଇସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସିଆରସିସି ଲମ୍ବୋଧର ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି,ବିଇଓ ସୁଦର୍ଶନ ରାଉତ, ମୁଖ୍ୟ ବକ୍ତା ବିଆରସିସି ଶ୍ରୀଧର ବେହେରା, ସମ୍ମାନୀତ ଅତିଥି ସଦାନନ୍ଦ ପାଣିଗ୍ରାହି ,ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଫୁଲ କୁମାର ଦାସ,ଗରସଙ୍ଗ ସିଆରସିସି ଅଜୟ କୁମାର ପଣ୍ଡା ଯୋଗ ଦେଇଥିଲେ । ଏହି କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥି ପରିଚୟ ଓ ପ୍ରାରମ୍ଭିକ ଅଭିଭାଷଣ ନଟବର ମହାପାତ୍ର ପ୍ରଦାନ କରିଥିବାବେଳେ କୈଳାଶ ଚନ୍ଦ୍ର ଦାସ,ବିଶ୍ୱନାଥ ନାୟକ, ରଞ୍ଜନ କୁମାର ମହାନ୍ତି, ବିଭୂତି ଭୋଷଣ ନାୟକ, ଉଦୟନାଥ ଦାସ,ମୀନତି ପାଣିଗ୍ରାହି,ପ୍ରମିଳା ବେହେରା ,ଅଭୟ କୁମାର ମଲ୍ଲିକ, ପ୍ରଶାନ୍ତ ତ୍ରିପାଠୀ,ଦୟାନୀଧି ପଣ୍ଡା, ଅଶୋକ ଦିଖିତ ,ପ୍ରମିଳା ସେଠୀ,ପ୍ରଦୀପ ମହାନ୍ତି ,ସତ୍ୟବାନ ତିଆଡି,ପ୍ରମୁଖ ଉପସ୍ଥିତ ଥିଲେ । ଚାମ୍ପୁଲି ପଦା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ , ମହତିପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ଭୂଜବଳ ଓ କନ୍ଦଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସରସ୍ୱତି ବିଶ୍ୱାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧୀତ କରାଯାଇଥିଲା । ଭଗବତୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ ।

## ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ୩୪ତମ ଶ୍ରାଦ୍ଧ ଦିବସ ପାଳିତ



ଖଇରା,୨/୧(ନିପ୍ର) ଖଇରା ବ୍ଲକ କୁପାରିସ୍ଥ ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ପରିସରରେ ହରେକୃଷ୍ଣ ମହତାବଙ୍କର ୩୪ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଓଡିଶାର ପ୍ରବାଦପୁରୁଷ ତଥା ପ୍ରବୁଦ୍ଧ ରାଷ୍ଟ୍ରନୀତିଜ୍ଞ ଡଃ ହରେକୃଷ୍ଣ ମହତାବଙ୍କର ୩୪ତମ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଯାଇଥିଲା । ମହାବିଦ୍ୟାଳୟର ଅଧକ୍ଷ ପଞ୍ଚାନନ ଲେଙ୍କା ଡଃ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କ୍ରାନ୍ତି ଭାରତି ଆନୁକୁଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ସଞ୍ଚାଳନ ଅଧାପକ ଦିପକ କୁମାର ଦାସ କରିଥିବାବେଳେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ଡଃ ମହତାବ ଏ ମହାବିଦ୍ୟାଳୟର ଜଣେ ପ୍ରତିଷ୍ଠାତା ନୁହନ୍ତି ବରଂ ମାର୍ଗଦର୍ଶକ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ମହତ୍ୱ ଲକ୍ଷରେ କାର୍ଯ୍ୟ କରିବା ହିଁ ସମୟର ଆହ୍ୱାନ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାପକ ରାମଚନ୍ଦ୍ର ଭୂୟାଁ, ପ୍ରଧାପକ ରାମକୃଷ୍ଣ ନାୟକ,ପ୍ରଧାପିକା ଚନ୍ଦନା ଘଡେଇ,ପ୍ରଧାପକ ବିନୋଦ ନାୟକ, ପ୍ରଧାପକ ଗଗନବିହାରୀ ରାଉତ, ବାରିଷ୍ଟ ପ୍ରଧାପକ ଲିଙ୍ଗରାଜ କର, ପ୍ରଧାପିକା ଫୁଲମଣୀ ଦେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଝାରସୁଗୁଡ଼ାରୁ ମୁମ୍ବାଇ ଓ ବାଙ୍ଗାଲୋରକୁ ବିମାନ ସେବା ପାଇଁ ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ : ଟଙ୍କଧର ତ୍ରିପାଠୀ

ସମ୍ବଲପୁର/ଭୁବନେଶ୍ୱର,୦୨।୦୧ (ନି.ପ୍ର): ଓଡ଼ିଶାର ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ମୁମ୍ବାଇ ଓ ବାଙ୍ଗାଲୋରକୁ ବିମାନ ସେବା ଚଳାଚଳ ଆରମ୍ଭ କରିବାର ପଦକ୍ଷେପ ନେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂହ ପୁରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ରାଜ୍ୟ ବିଜେପି ସମ୍ପାଦକ ଟଙ୍କଧର ତ୍ରିପାଠୀ । ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନଭେମ୍ବର ୬, ୨୦୧୯ରେ ପଶ୍ଚିମ ଓଡିଶା ଲୋକଙ୍କର ସୁବିଧାକୁ ଧ୍ୟାନରେ ରଖି ଝାରସୁଗୁଡା ଓ ମୁମ୍ବାଇ ମଧ୍ୟରେ ବିମାନ ସେବା ଆରମ୍ଭ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ଉଡାନ ଯୋଜନା ସାଧାରଣ ଲୋକଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିଥିବା ବେଳେ ଏହି ସୁବିଧା ଦ୍ୱାରା ପଶ୍ଚିମ ଓଡ଼ିଶାବାସୀ ଅଧିକ ଲାଭବାନ ହେବେ। ପଶ୍ଚିମ ଓଡ଼ିଶାର ଲୋକଙ୍କ ସହ ମୁମ୍ବାଇ ଓ ବାଙ୍ଗାଲୋର ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବଢ଼ିବା ସହ ଅର୍ଥନୀତିରେ ମଧ୍ୟ ଅଭିବୃଦ୍ଧି ଘଟିବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

## ପଣ୍ଡିତ ରଂଜନ କୁମାର ପଣ୍ଡାଙ୍କୁ ଶ୍ରୀନନ୍ଦିଘୋଷ ସମ୍ମାନ



ଭଦ୍ରକ,୦୨।୦୧ (ନି.ପ୍ର): ଶ୍ରୀଚକ୍ର ସୁଦର୍ଶନ କ୍ଷେତ୍ର, ସରସ୍ୱତୀ ବିହାରରେ ପବିତ୍ର ଗୀତା ଜୟନ୍ତୀ ପାଳନ ଅବସରରେ ଓଡ଼ିଶାର ସୁନାମଧନ୍ୟ ଭକ୍ତକବି ତଥା କୋରାପୁଟ ଅଞ୍ଚଳରେ ଶ୍ରୀଜଗନ୍ନାଥ ଚେତନା ଧାରାକୁ ପ୍ରଚାରିତ କରୁଥିବା ପଣ୍ଡିତ ରଂଜନ କୁମାର ପଣ୍ଡାଙ୍କୁ ଶ୍ରୀ ଶ୍ରୀ ଜଗନ୍ନାଥ ଚେତନା ପକ୍ଷରୁ ଶ୍ରୀନନ୍ଦିଘୋଷ ସମ୍ମାନରେ ସମ୍ମାନିତ କରାଯାଇଛି। ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମାନ ପ୍ରଦାନ ଉତ୍ସବରେ ଡକ୍ଟର ସଦାନନ୍ଦ ଦୀକ୍ଷିତଃ ପଣ୍ଡିତ ପଣ୍ଡାଙ୍କର ଆଧାତ୍ମିକ ଓ ସାରସ୍ୱତ ସମୁଦ୍ୟମକୁ ପ୍ରଶଂସା କରିବା ସଂଗେ ସଂଗେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଗୋପାଳକୃଷ୍ଣ ଆଧାତ୍ମିକ ସଂସଦର ସଫଳତା ବର୍ଣ୍ଣନା କରିଥିଲେ। ମୁଖ୍ୟାତିଥି ସରକାରୀ ପଲିଟେକ୍‌ନିକ କଲେଜର ଅଧକ୍ଷ ଇଂ ଶରତ ଚନ୍ଦ୍ର ରାଉତ, ମହତାବ କଲେଜର ଅଧାପକ ନନ୍ଦ କିଶୋର ସାହୁ, ଗୁରୁଜନ ପରିଷଦର ସମ୍ପାଦକ ରାମଚନ୍ଦ୍ର ପଣ୍ଡା, ବ୍ରାହ୍ମଣ ମହାସଂଘର ସଦସ୍ୟ ପଣ୍ଡିତ ବିଷ୍ଣୁ ମୋହନ ପାଣିଗ୍ରାହି ମାନପତ୍ର, ଶାଲ୍ ଓ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରୀ ପଣ୍ଡାଙ୍କୁ ଉପାଧିଭୂଷିତ କରିଥିଲେ। ଶେଷରେ ଗୀତାଯଜ୍ଞରେ ଯୋଗ ଦେଇ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସରସ୍ୱତୀ ବିହାରରେ ଅନୁଷ୍ଠିତ ଗୀତା ମହାଯଜ୍ଞରେ ମା ସୁଭଦ୍ରା ମାତୃମଣ୍ଡଳୀର ଶତାଧିକ ମାଆମାନେ ଯୋଗ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଇଆଇଏମ ସମ୍ବଲପୁରର ....

ସମ୍ବଲପୁର ଅଂଚଳରେ ରହିଥିବା ବ୍ୟାପକ ସମ୍ଭାବନାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନର ଉନ୍ନତି ନିମନ୍ତେ ଅଭିନବ ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ଲାଗି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ହସ୍ତଶିଳ୍ପ, ବୟନ ଏବଂ ଜନଜାତି କଳା ଆଦିରେ ରହିଥିବା ଅପାର ସମ୍ଭାବନା ଯୋଗୁ ଏସବୁ ସ୍ଥାନୀୟ ଉତ୍ପାଦଗୁଡ଼ିକର ପ୍ରୋତ୍ସାହନ ଦିଗରେ କାର୍ଯ୍ୟ କରିବା ନିମନ୍ତେ ସେ ଆହ୍ୱାନ କରିଥିଲେ। ଆତ୍ମନିର୍ଭର ଭାରତ ଅଭିଯାନରେ ଯୋଗଦାନ କରିବା ଲାଗି ସ୍ଥାନୀୟ ଅଂଚଳରେ ରହିଥିବା ପ୍ରଚୁର ଖଣିଜ ସମ୍ପଦ ଏବଂ ଅନ୍ୟ ସମ୍ବଳର ଉନ୍ନତ ପରିଚାଳନା ଦିଗରେ କାର୍ଯ୍ୟ କରିବା ନିମନ୍ତେ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ଆଇଆଇଏମ ଛାତ୍ରଛାତ୍ରୀମାନେ ଆତ୍ମନିର୍ଭର ଭାରତ ମିଶନ, ସ୍ଥାନୀୟ ଉତ୍ପାଦ ଏବଂ ଅନ୍ତର୍ଜାତୀୟ ସହଭାଗିତା ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରିପାରିବେ। ତେଣୁ ସେମାନେ ଲୋକାଲକୁ ଗ୍ଲୋବାଲରେ ପରିଣତ କରିବା ଲାଗି ଅଭିନବ ଉପାୟ ସନ୍ଧାନ କରିବାର ଆବଶ୍ୟକତା ରହିଛି। ନ୍ତଅଭିନବତାର ମିଶ୍ରଣ ଏବଂ ସମାବେଶୀକରଣନ୍ତର ମନ୍ତ୍ର ସହିତ ଆପଣମାନଙ୍କୁ ନିଜର ପରିଚାଳନା ଦକ୍ଷତା ପ୍ରଦର୍ଶିତ କରିବାର ଆବଶ୍ୟକତା ରହିଛିନ୍ତ, ଶ୍ରୀ ମୋଦୀ କହିଥିଲେ। ଆଡିଟିଭ ପ୍ରିଂଟିଂ, ପରିବର୍ତିତ ଉତ୍ପାଦନ କୌଶଳ, ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳ ପରିଚାଳନା ଭଳି ନୂତନ ଜ୍ଞାନକୌଶଳ ଆଦି କ୍ଷେତ୍ରରେ ଦେଖା ଦେଇଥିବା ନୂତନ ପରିଚାଳନାଗତ ଆହ୍ୱାନ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ଏହିସବୁ ପ୍ରଯୁକ୍ତି ଡିଜିଟାଲ ସଂଯୋଗ ସହିତ ମିଶିବା ଏବଂ ଯେକୌଣସି ସ୍ଥାନରୁ କାର୍ଯ୍ୟ କରିବାର ଧାରା ଆରମ୍ଭ ହେବା ପରେ ସମଗ୍ର ବିଶ୍ୱ ଏକ ବୈଶ୍ୱିକ ଗ୍ରାମରେ ପରିଣତ ହୋଇଛି। ବିଗତ କିଛିମାସ ଧରି ଭାରତ ଅନେକ ସଂସ୍କାରକୁ ଗ୍ରହଣ କରିଛି। କେବଳ ପରିବର୍ତନକୁ ଗ୍ରହଣ କରିନାହିଁ ବରଂ ସେଗୁଡ଼ିକୁ ଆଶାନୁରୂପ ହେବା ଏବଂ ଅତିକ୍ରମ କରିବାକୁ ଚେଷ୍ଟା କରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ୧୦ମ ଓ ୧୨ଶ ଶ୍ରେଣୀ ....

ପାଠପଢ଼ା ନିମନ୍ତେ ଏକ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି । ଏହି ମାର୍ଗଦର୍ଶିକା ଅନୁସାରେ ସରକାରୀ ସାହାଯ୍ୟପ୍ରାପ୍ତ ଓ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ଖୋଲିବ । ଦଶମ ଶ୍ରେଣୀର ବୋର୍ଡ଼ ପରୀକ୍ଷା ମଇ ୩ ତାରିଖରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମଇ ୧୫ରୁ ଜୁନ୍ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ମାଧ୍ୟମିକ ଶିକ୍ଷା ବୋର୍ଡ଼ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ହେଉଥିବା ବାର୍ଷିକ ପରୀକ୍ଷା ନିମନ୍ତେ ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲାମାନଙ୍କୁ ପ୍ରସ୍ତୁତ କରିବା ସହିତ ବିଭିନ୍ନ ସମୟରେ ଅନୁଷ୍ଠିତ ସର୍ବଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଂଶଗ୍ରହଣ କରିବା ନିମନ୍ତେ ସେମାନଙ୍କୁ ପ୍ରସ୍ତୁତ କରିବାକୁ ହେବ । ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶିକ୍ଷାନୁଷ୍ଠାନ ଖୋଲିବା ନିମନ୍ତେ ନିଷ୍ପତି ନେଇଛନ୍ତି । ମାଧ୍ୟମିକ ଶିକ୍ଷା ବୋର୍ଡ଼ ପରୀକ୍ଷା ଦେବାପାଇଁ ପ୍ରସ୍ତୁତ ହେଉଥିବା ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଜାନୁଆରୀ ୮ ତାରିଖରୁ ଅପ୍ରେଲ ୨୬ ତାରିଖ ପର୍ଯ୍ୟନ୍ତ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ଦେବା ପାଇଁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କର ପାଠପଢ଼ା ଜାନୁଆରୀ ୮ରୁ ଅପ୍ରେଲ ୨୮ ପର୍ଯ୍ୟନ୍ତ ଚାଲିବ । ଦଶମ ଶ୍ରେଣୀ ପିଲାମାନଙ୍କର ପାକ୍ଟିକାଲ୍ ପରୀକ୍ଷା ଗୁଡ଼ିକ ଅପ୍ରେଲ ୨୭ରୁ ମଇ ୨ ତାରିଖ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଅପ୍ରେଲ ୨୯ରୁ ମଇ ୧୪ ତାରିଖ ପର୍ଯ୍ୟନ୍ତ ହେବ । ଦଶମ ଶ୍ରେଣୀର ବୋର୍ଡ଼ ପରୀକ୍ଷା ମଇ ୩ ତାରିଖରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମଇ ୧୫ରୁ ଜୁନ୍ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଉପରୋକ୍ତ ନିର୍ଘଂଟ ଅନୁସାରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଶନିବାର/ରବିବାରକୁ ମିଶାଇ ୧୦୦ ଦିନ ପାଠପଢ଼ା ହେବ । ପାଠପଢ଼ା ନିମନ୍ତେ ଏକ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି । ଏହି ମାର୍ଗଦର୍ଶିକା ଅନୁସାରେ ସରକାରୀ ସାହାଯ୍ୟପ୍ରାପ୍ତ ଓ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ଖୋଲିବ ।

## ଓବିସି ସଂରକ୍ଷଣ ....

ତାମିଲନାଡୁ, ମହାରାଷ୍ଟ୍ର ଓ କର୍ଣ୍ଣାଟକ ଆଦି ରାଜ୍ୟ ଗୁଡିକ ମଧ୍ୟ ଏହି ଜାତି ଗୁଡିକର ଜନସଂଖ୍ୟାରେ ଅଧିକ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି । ତେବେ ରାଜ୍ୟରେ ଓବିସି ଏବଂ ଏସଇବିସି ବର୍ଗର ଶ୍ରେଣୀ ବିଶେଷ ଭାବରେ ଯୁବବର୍ଗଙ୍କୁ ଏଥିରୁ ବଂଚିତ ରଖାଯାଇଛି । ତେବେ ଓଡିଶାରେ ପୂର୍ବରୁ ଓବିସି ତଥା ରାଜ୍ୟ ସରକାରଙ୍କ ପାଖରେ ଏସଇବିସି ତାଲିକା ରହିଛି । ରାଜ୍ୟରେ ଓବିସି କମିଶନର ନିଯୁକ୍ତି କୌଣସି ସମ୍ବନ୍ଧ ନାହିଁ। ମହାରାଷ୍ଟ୍ରରେ ମରାଠା ମାନଙ୍କୁ ସଂରକ୍ଷଣ ଦେବା ପାଇଁ ମହାରାଷ୍ଟ୍ର ବିଧାନସଭାରେ ନିୟମ ପାରିତ କରାଗଲା । ସେଠାରେ ନୂଆ କମିଶନ ଗଠନ କରାଗଲା ନାହିଁ । ସେଥିପାଇଁ ସଂରକ୍ଷଣ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରାଯିବା ଆବଶ୍ୟକ ରହିଛି । ଏହା ସେମାନଙ୍କ ସାମ୍ବିଧାନିକ ଅଧିକାର । ଓଡିଶାରେ ଜାଣିଶୁଣି ଏହି ବର୍ଗରେ ଚାକିରି କ୍ଷେତ୍ରରେ ଥିବା ମାମଲାକୁ କୋର୍ଟରେ ବିଚାରଧୀନ ରଖାଯାଇଛି । କୋର୍ଟରେ ବିଚାରଧୀନ ଥିବା ମାମଲା ଗୁଡିକ ଉପରେ ରାଜ୍ୟ ସରକାର ରିପୋର୍ଟ ଦେବା ନେଇ ଶ୍ରୀ ପ୍ରଧାନ ଦାବୀ କରିଛନ୍ତି । କିଛି ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭାରତର ସଂରକ୍ଷଣ ବ୍ୟବସ୍ଥାରେ ଏକ ଯୁଗାନ୍ତକାରୀ ପଦକ୍ଷେପସ୍ୱରୂପ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ଲୋକଙ୍କ ପାଇଁ ୧୦ ପ୍ରତିଶତର ସଂରକ୍ଷଣର ବ୍ୟବସ୍ଥା ଲାଗୁ କରାଗଲା । ଏହାକୁ କେନ୍ଦ୍ର ସରକାର ତଥା ଅନେକ ରାଜ୍ୟ ଏହାକୁ ଲାଗୁ କରିଥିବା ବେଳେ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରିନାହାନ୍ତି । ତେଣୁ ଓଡିଶା ସରକାର ଓବିସି ଏବଂ ଏସଇବିସି ବର୍ଗରେ ସଂରକ୍ଷଣ ଲାଗୁ କରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ।

## ବୌଦ୍ଧ ଜିଲ୍ଲାର ୨୭ତମ ...

ମା ମାନଙ୍କ ହକ୍‌ର ସୁରକ୍ଷା ପାଇଁ ସମସ୍ତେ କାମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଜିଲଲାର ବିକାଶ ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗ୍ରାମ୍ୟ ବକାଶ, ଶ୍ରମ ଓ ଇ.ଏସ.ଆର ମନ୍ତ୍ରୀ ସୁଶାନ୍ତ ସିଂହ କହିଥିଲେ ଯେ, ବୌଦ୍ଧ ଜିଲ୍ଲାର ଲୋକ ଉଚ୍ଚ କଳା ଓ ସଂସ୍କଅତି ସମ୍ପନ୍ନ ଏବଂ କଠୋର ପରିଶ୍ରମୀ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଜିଲଲାରେ ବିକାଶ କାମର ଅଗ୍ରଗତି ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଥିଲେ ଯେ, ଜିଲ୍ଲାର ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଏହି ସଂଗ୍ରହାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଅବସରରେ କନ୍ଧମାଳ ସାଂସଦ ଶ୍ରୀ ଅଚ୍ୟୁତ ସାମନ୍ତ, ବୌଦ୍ଧ ବିଧାୟକ ଶ୍ରୀ ପ୍ରଦୀପ୍ କୁମାର ଅମାତ୍, କଂଟାମାଳ ବିଧାୟକ ମହୀଧର ରଣା ପ୍ରମୁଖ ସେମାନଙ୍କର ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମ ଓ ସଂଗ୍ରହାଳୟ ସମ୍ପର୍କରେ ଏକ ଭିଡ଼ିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲାପାଳ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି. କେ. ଜେନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଯୋଗଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି. କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

## କଳିଙ୍ଗନଗର ଗୁଳିକାଣ୍ଡର .....

ନବୀନ ବାବୁଙ୍କର ଯଦି ସାମାନ୍ୟତମ ରାଜ୍ୟର ଆଦିବାସୀ, ହରିଜନ ଏବଂ ପଛୁଆବର୍ଗ ପ୍ରତି ନିଷ୍ଠା ଅଛି ତାହେଲେ କଳିଙ୍ଗନଗର ଗୁଳିକାଣ୍ଡ ଘଟଣାର ତଦନ୍ତ ରିପୋର୍ଟ ତୁରନ୍ତ ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରନ୍ତୁ। ଦେବୀ ପୃଷ୍ଟି କଳିଙ୍ଗନଗର ଗୁଳିକାଣ୍ଡ ଘଟଣାର ଏ ସରକାର କିଭଳି ଭାବରେ ଶିଳ୍ପପତିମାନଙ୍କ ସ୍ୱାର୍ଥରେ କାମ କରେ ତାହା ଉଲ୍ଲେଖ କରିଥିଲେ। ପୂର୍ବତନ ଉପସଭା ଶିବାନନ୍ଦ ରାୟ ଏବଂ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମନୋରଞ୍ଜନ ଦାଶ, ପୂର୍ବତନ ଭୁବନେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ରଶ୍ମି ମହାପାତ୍ର ଏବଂ ବହୁ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ତାଙ୍କର ବକ୍ତବ୍ୟ ରଖିଥିଲେ ଏବଂ ଏହି ଗୁଳିକାଣ୍ଡ ପାଇଁ ସରକାର ସଂପୂର୍ଣ୍ଣ ଦାୟୀ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀ ବିରୋଧି ବୋଲି କହିଥିଲେ।

## ଆରମ୍ଭ ହେଲା କରୋନା ଟିକାର ....

ଡ୍ରାଏ ରନ୍ ସମୟରେ କୋଭିଡର ସମସ୍ତ ନିୟମ ପାଳନ କରାଯିବାକୁ ନିର୍ଦ୍ଦେଶ ରହିଛି । ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଅଙ୍ଗନବାଡି କର୍ମୀ ଓ ବୟସ୍କବ୍ୟକ୍ତିଙ୍କୁ ଟିକା ଦେବା ଲାଗି ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୨୦ ହଜାର ଲୋକଙ୍କୁ ଟିକାଦାନ ପାଇଁ ପ୍ରାଥମିକ ତାଲିକା ପ୍ରସ୍ତୁତ ହୋଇଛି। ଏଥିରେ ପରବର୍ତି ସମୟରେ ଆଉ ୫ ହଜାର ସ୍ୱାସ୍ଥ୍ୟକର୍ମୀ ସାମିଲ ହୋଇଛନ୍ତି।

# ବିଜେଡ଼ି ପରିବାର ସଜାଡିବାକୁ ବର୍ଷ ଆରମ୍ଭରେ ବବିଙ୍କ ଜିଲ୍ଲା ଗସ୍ତ

## ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ନୂଆ ବର୍ଷରେ ବିଜେଡ଼ିର ସାଙ୍ଗଠନିକ ସମୀକ୍ଷା ବୈଠକ



ବାରିପଦା,୦୨।୦୧ (ନି.ପ୍ର): ବିଜେଡିର ଗଡ ଭାବରେ ପରିଚିତ ମୟୂରଭଞ୍ଜ ଜିଲ୍ଲାରେ ବିଗତ ସାଧାରଣ ନିର୍ବାଚନରେ ବିଜେଡିକୁ ଶକ୍ତ ଧକ୍କା ଲାଗିଥିଲା। ଅତୀତରେ ଜିଲ୍ଲାର ସମସ୍ତ ବିଧାନସଭା ଓ ଲୋକସଭା ଆସନ ଥିଲେ ଶାସକ ବିଜେଡି ଦଳର କବଜାରେ। କିନ୍ତୁ ବିଗତ ପଂଚାୟତ ନିର୍ବାଚନ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ଜିଲ୍ଲାରେ ଶୋଚନୀୟ ଭାବରେ ବିପର୍ଯ୍ୟୟ ଘଟିଥିଲା ବିଜେଡିର। ଏପରିକି ଜିଲ୍ଲାର ନଅ କୁ ନଅ ନିର୍ବାଚନ ମଣ୍ଡଳିରେ ରାଜ କରୁଥିବା ବିଜେଡି ମାତ୍ର ୩ଟି ଆସନରେ ବିଜୟ ଲାଭ କରିଥିଲା ବେଳେ ବିରୋଧୀ ବିଜେପି ହାତକୁ ଯାଇଥିଲା ୬ ଟି ଆସନ। ଲୋକସଭା ସାଂସଦ ଆସନ ବି ବାଜି ମାରିନେଇଥିଲା ବିଜେପି। ବିଜେଡ଼ି ହାଇକମାଣ୍ଡ ନବୀନ ପଟ୍ଟନାୟକଙ୍କ ଜିଲ୍ଲାରେ ଦଳୀୟ ସଙ୍ଗଠନକୁ ଅଧିକ କ୍ରିୟାଶୀଳ ଓ ସଶକ୍ତିକରଣ କରାଇ ତୃଣମୂଳ ସ୍ତରରୁ ଘର ସଜାଡ଼ିବା ଉପରେ ଗୁରୁତ୍ୱାରୋପ କରି ବିଜେଡିର କ୍ରାଇସିସ ମ୍ୟାନେଜର ପ୍ରଣବ ପ୍ରକାଶ ଦାସଙ୍କୁ ମୟୁରଭଞ୍ଜ ଜିଲ୍ଲାର ଦଳୀୟ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି । ପ୍ରଣବ ପ୍ରକାଶ ଦାସ ଆସିବା ପରେ ମୟୂରଭଞ୍ଜ ଜିଲ୍ଲାରେ ବିଜେଡ଼ି ଦଳ ମଧ୍ୟରେ ଥିବା ଅନ୍ତକନ୍ଦଳ ଦୂର କରି ସଙ୍ଗଠନକୁ ସଜାଡ଼ିବା ନିମନ୍ତେ ଲାଗିପଡ଼ିଛନ୍ତି। ତେବେ ଆଜି ନୂତନ ବର୍ଷ ଆରମ୍ଭରୁ ଜିଲ୍ଲାରେ ଦଳୀୟ ସ୍ଥିତିରେ ସୁଧାର କରିବା ପାଇଁ ପର୍ଯ୍ୟବେକ୍ଷକ ଶ୍ରୀ ଦାସ ନିଜର କର୍ମକ୍ଷେତ୍ର ମୟୁରଭଞ୍ଜରେ ନିଜର କାର୍ଯ୍ୟ ଆରମ୍ଭ କରିଛନ୍ତି। ବର୍ଷର ପ୍ରଥମ ଦିନରେ ବାରିପଦାସ୍ଥିତ ବଜାର ଇଣ୍ଡିଆ ସମ୍ମିଳନୀ କକ୍ଷରେ ବିଜେଡ଼ିର ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସାଙ୍ଗଠନିକ ଦାୟିତ୍ୱରେ ଥିବା ପ୍ରଣବ ପ୍ରକାଶ ଦାସ ବାରିପଦା ନିର୍ବାଚନ ମଣ୍ଡଳୀର ନେତା, କର୍ମୀମାନଙ୍କୁ ନେଇ ଆଗାମୀ ପୌର ଓ ପଂଚାୟତ ନିର୍ବାଚନ ମଣ୍ଡଳୀ ୱାରୀ ବୈଠକରେ ବସିଥିଲେ। ବୈଠକରେ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ୱାର୍ଡ଼ସ୍ତରରୁ ଅଧିକ ମଜବୁତ ଓ କ୍ରିୟାଶୀଳ କରାଇବା ଉପରେ ଗୁରୁତ୍ୱାରୋପ ଦିଆଯାଇଥିଲା। ଦଳୀୟ ନେତା ମାନଙ୍କୁ ତାଗିଦ କରି ଦଳରେ ବିଶୃଙ୍ଖଳା ଚଳିବ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଥିଲେ ପର୍ଯ୍ୟବେକ୍ଷକ ଶ୍ରୀ ଦାସ । ଏଥି ସହିତ ଆଜି ଶ୍ରୀରାମଚନ୍ଦ୍ର ପାଠାଗାରର (ଜୁବୁଲି ଲାଇବ୍ରେରୀ)ର ପୂର୍ବ ଐତିହ୍ୟକୁ କ୍ଷତି ନପହଁଚାଇ ପୁନରୁଦ୍ଧାର ପୂର୍ବକ ଏକ ହେରିଟେଜ ବିଲଡିଂ ସହିତ ମଡେଲ ଲାଇବ୍ରେରୀ ପ୍ରସ୍ତୁତ କରିବା ପ୍ରଥମେ ଜିଲ୍ଲାପାଳ ଓ ପରେ ସିନିୟର ସିଟିଜେନ ଫୋରମଙ୍କ ସହିତ ଆଲୋଚନା କରିଥିଲେ। ତେବେ ଜିଲ୍ଲାର ବିଜେଡି ମନ୍ତ୍ରୀ ନେତା ମାନଙ୍କ ମଧ୍ୟରେ ରହିଥିବା ରହିଥିବା ଅସାମସ୍ୟତା ସ୍ପଷ୍ଟ ବାରିହୋଇ ପଡୁଥିବା ବେଳେ ବିଜେଡି ଦଳର କ୍ରାଇସିସ ମେନେଜର କୁହାଯାଉଥିବା ବବି ଦାସଙ୍କ ଗୋଟିଚାଳନା ଜିଲ୍ଲା ରାଜନିତିରେ ବିଜେଡିକୁ କେତେ ଫାଇଦା ଦେଉଛି ତାହା ଆଗାମୀ ପୌର ଓ ପଂଚାୟତ ନିର୍ବାଚନରେ ଜଣାପଡିବ ବୋଲି ରାଜନୈତିକ ସମୀକ୍ଷକ ମାନେ ମତ ରଖିଛନ୍ତି ।

## ସାମ୍ବାଦିକ ବସନ୍ତ ଦାସଙ୍କ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୦୨।୦୧ (ନି.ପ୍ର): ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ବସନ୍ତ ଦାସଙ୍କ ଏକାଅଶୀତମ ଜୟନ୍ତୀ ଅବସରରେ ତାଙ୍କ ଦ୍ୱାରା ଲିଖିତ "ପଲିଟିକାଲ ହିଷ୍ଟ୍ରି ଅଫ୍ ମର୍ଡର୍ଣ୍ଣ ଓଡିଶା" ପୁସ୍ତକ ଶନିବାର ବୁଦ୍ଧ ମନ୍ଦିର ସଭାଗୃହରେ ସମ୍ବାଦର ସଂପାଦକ ତଥା ବିଧାୟକ ସୌମ୍ୟ ରଂଜନ ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ପୂଜ୍ୟ ପ୍ରଣାମ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ତଥା ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ କହିଲେ ଯେ ବସନ୍ତ ବାବୁ ଆଜି ଏକାଅଶୀ ବର୍ଷରେ ପଦାର୍ପଣ କରିବା ସହ ଓଡିଶା ରାଜନୀତି ଉପରେ ରୁଚି ରଖୁଥିବା ଅଗଣିତ ଛାତ୍ର, ଯୁବକ, ଗବେଷକ, ସମାଲୋଚକ ତଥା ରାଜନୀତିଜ୍ଞମାନଙ୍କ ପାଇଁ ଉପାଦେୟ ପୁସ୍ତକଟି ଉପହାର ଦେଇଛନ୍ତି। ଏହି ପୁସ୍ତକଟି ଓଡିଶା ରାଜନୀତି ବିବର୍ତନର ଏକ ଜ୍ୱଳନ୍ତ ଦସ୍ତାବିଜ୍ ବୋଲି ସେ କହିଥିଲେ। ଡଃ ଭଗବାନ ପ୍ରକାଶ, ପୂର୍ବତନ ପ୍ରଶାସକ ସଂଜୀବ ଚନ୍ଦ୍ର ହୋତା,ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ , ପୂଜ୍ୟ ପ୍ରଣାମ ଟ୍ରଷ୍ଟର ଅଧକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର , ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ବି.କେ ପବ୍ଲିକେଶନର ପ୍ରୋପାଇଟର ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଧ୍ୱନି ପ୍ରତିଧ୍ୱନି



# ଡା.ହରେକୃଷ୍ଣ ମହତାବ ଜାତୀୟତାରେ ଓଡ଼ିଆ ଜନଜୀବନର ସଂସ୍କାର ଦେଖାଇଥିଲେ:ଧର୍ମେନ୍ଦ୍ର

ଭୁବନେଶ୍ୱର,୦୨।୦୧ (ନି.ପ୍ର): ନବଉତ୍କଳର ନିର୍ମାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡା.ହରେକୃଷ୍ଣ ମହତାବ ଜଣେ ବ୍ୟକ୍ତି ନୁହେଁ ବଂର ଗୋଟିଏ ବିଚାରଧାରା ଥିଲେ ଏବଂ ଜାତୀୟତାରେ ଓଡ଼ିଆ ଜନଜୀବନର ସଂସ୍କାର ଦେଖାଇଥିଲେ ବୋଲି ଶନିବାର ତାଙ୍କ ପୁଣ୍ୟତିଥି ଅବସରରେ ଭୁବନେଶ୍ୱର ଠାରେ ଆୟୋଜିତ ୩୪ତମ ସ୍ୱାଧୀନତା ସଂଗ୍ରାମୀ ସମିତି ମହୋତ୍ସବରେ ଉଦବୋଧନ ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଶ୍ରୀ ପ୍ରଧାନ ଡା.ମହତାବଙ୍କ ସମେତ ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ଓଡ଼ିଶାର ସମସ୍ତ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ କହିଛନ୍ତି ବର୍ତମାନର ଆହ୍ୱାନମୂଳକ ସମୟରେ ଏପରି କାର୍ଯ୍ୟକ୍ରମ ଆୟୋଜନ କରି ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ମନେପକାଇ ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦେବା ଓ ସେମାନଙ୍କ ପରିବାରର ଦାୟଦଙ୍କୁ ସମ୍ମାନିତ କରିବାର ପରମ୍ପରା; ଏହା ପ୍ରକୃତପକ୍ଷେ ଅନନ୍ୟ ଏବଂ ସ୍ୱାଗତଯୋଗ୍ୟ । ଡା. ମହତାବ ଓଡ଼ିଆ ଲୋକଙ୍କ ପରିଚୟ ଓ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ। ମହତାବ ଥିଲେ ଜଣେ ସଫଳ ବ୍ୟକ୍ତିତ୍ୱ ଓ ବିଚାରଧାରାର ପୃଷ୍ଠପୋଷକ। ରାଷ୍ଟ୍ରୀୟ ସ୍ତରରେ ଓଡିଶାର ନେତୃତ୍ୱକୁ ସ୍ଥାପିତ କରିବାରେ ଅଗ୍ରଣୀ ଭୂମିକା ନେଇଥିଲେ ଡା. ମହତାବ। ଡା. ହରେକୃଷ୍ଣ ମହତାବ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଦାୟିତ୍ୱରେ ଥିବା ସମୟରେ ପିମ୍ପରି ପେନସିଲିନ୍ ପରି ଅନେକ ଶିଳ୍ପର କଳ୍ପନା କରିଥିଲେ। ଯାହାର ପ୍ରାସଙ୍ଗିକ ଆଜି କରୋନା ଟୀକାକରଣ ପ୍ରସ୍ତୁତ ହେବା ସମୟରେ ଜଣାପଡୁଛି। ଓଡ଼ିଶାକୁ ଭାଷା ଆଧାରିତ ରାଜ୍ୟ ଭାବେ ଗଠନ କରିବା ପାଇଁ ଡା. ମହତାବ ଯୁବ ସମୟରେ ନେତୃତ୍ୱ ନେଇଥିଲେ। ତାଙ୍କ କୁଶଳୀ ନୀତି ଯୋଗୁଁ ଗଡ଼ଜାତ ମିଶ୍ରଣରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଓଡ଼ିଶାରେ ମିଶି ପାରିଥିଲା ଶ୍ରୀ ପ୍ରଧାନ କହିଛନ୍ତି।

## ଆଜିଠୁ ଖୋଲିବ ଶ୍ରୀମନ୍ଦିର

ପୁରୀ,୦୨।୦୧ (ନି.ପ୍ର): ଦୀର୍ଘ ୯ମାସରୁ ଊର୍ଦ୍ଧ୍ୱ ଦର୍ଶନରୁ ବଞ୍ଚିତ ହୋଇଥିବା ଜଗନ୍ନାଥ ପ୍ରେମୀମାନେ ଆସନ୍ତାକାଲି ଠାରୁ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କୁ ଦେଖିବାର ସୁଯୋଗ ପାଇବେ। ଦର୍ଶନାର୍ଥିମାନଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ଲାଗି କୋଭିଡ଼ି ନେଗେଟିଭ୍ ସାର୍ଟିଫିକେଟ ଦେଖାଇବା ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ ଦୈନିକ ୫ ହଜାର ଭକ୍ତଙ୍କୁ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କ ଦର୍ଶନ କରିବାର ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ତାହାକୁ ପରିବର୍ତ୍ତନ କରାଯାଇ ଦୈନିକ ୧୫ରୁ ୧୭ ହଜାର ଶ୍ରଦ୍ଧାଳୁ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କ ଦର୍ଶନ କରିପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପର୍ଯ୍ୟାୟକ୍ରମେ ମାର୍କେଟ ଛକଠାରୁ ନିର୍ମିତ ବ୍ୟାରିକେଡ ଦେଇ ଦର୍ଶନାର୍ଥିମାନେ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜିଉମାନଙ୍କ ଦର୍ଶନ କରିବେ। ଦର୍ଶନାର୍ଥିମାନଙ୍କୁ କୋଭିଡ଼ି ନେଗେଟିଭ୍ ସାର୍ଟିଫିକେଟ୍ ଓ ଆଧାରକାର୍ଡ଼ ଦେଖାଇବାକୁ ପଡ଼ିବ। ସାନିଟାଇଜ୍‌ରରେ ହାତଧୋଇବା ପରେ ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ସିଂହଦ୍ୱାର ନିକଟରେ କିଓସ୍କରେ ଫଟୋ ଉଠାଇବା ସହିତ ସେମାନଙ୍କ ଶରୀରର ତାପମାତ୍ରା ପରୀକ୍ଷା କରାଯିବ। ଶୃଙ୍ଖଳିତ ଦର୍ଶନ ଲାଗି ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଏସ୍‌ଓପି ଜାରି କରାଯାଉଥିବା ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟଯେ, ଦୀର୍ଘଦିନଧରି ଭକ୍ତମାନଙ୍କ ଦର୍ଶନ ଲାଗି ବନ୍ଦରହିଥିବା ଶ୍ରୀମନ୍ଦିର ଗତ୨୩ ତାରିଖରୁ ଖୋଲିଥିଲା। ନୂଆବର୍ଷର ଭିଡ଼କୁ ଆଖିଆଗରେ ରଖି ଗତ୩୧ ସନ୍ଧ୍ୟାରୁ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କ ଦର୍ଶନ ଉପରେ କଟକଣା ଜାରି କରାଯାଇଥିଲା।

## ପୁରୀରେ କରୋନା ଟିକା କରଣର ଡ୍ରଏ ରନ୍ ଆରମ୍ଭ

ପୁରୀ,୦୨।୦୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜିଠାରୁ କ୍ୟାପିଟାଲ ହସ୍ପିଟାଲ ସମେତ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ମୁଖ୍ୟଚିକିତ୍ସାକେନ୍ଦ୍ରରେ କରୋନା ଟିକା କରଣର ଡ୍ରଏ ରନ୍ ଆରମ୍ଭ ହୋଇଛି। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଆରମ୍ଭ ହୋଇଥିବା ଏହି ଡ୍ରାଏ ରନ୍ କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ଉଦ୍‌ଘାଟନ କରିଥିଲେ। କୋଭିଡ଼ ୧୯ କଟକଣାର ସମସ୍ତ ନିୟମ ମାନି ୨୫ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକ କରଣ ଡ୍ରାଏ ରନ୍‌ରେ ସାମିଲ୍ କରାଯାଇଥିଲା।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୭ ଗିରଫ

ଭୁବନେଶ୍ୱର,୦୨।୦୧ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୭ ଜଣଙ୍କୁ ଗିରଫ କରିଥିବା ବେଳେ ୩୪୦ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୧୩,୫୦,୦୫୦ଟଙ୍କା। ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

# କୋଭିଡ୍ ମୁକାବିଲା ପାଇଁ ଏକ କୋଟି ଟଙ୍କାର ସହାୟତା ପ୍ରଦାନ କଲା ଓଡିଶା କୃଷି ଶିଳ୍ପ ନିଗମ



ବାରିପଦା,୦୨।୦୧ (ନି.ପ୍ର): କୋଭିଡ-୧୯ ପରିଚାଳନା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ପାଇଁ ଓଡିଶା ଆଜି ସମଗ୍ର ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । କୋଭିଡ-୧୯ ପରିଚାଳନା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ସାରା ବିଶ୍ୱରେ ପ୍ରଶଂସା କରାଯାଇଅଛି । କୋଭିଡ-୧୯ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କର ବିପର୍ଯ୍ୟୟ ପରିଚାଳନା ପାଣ୍ଠିକୁ ଓଡିଶା କୃଷି ଶିଳ୍ପ ନିଗମର ସିଏସଆର ପାଣ୍ଠିରୁ ଏକ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଅଛି ବୋଲି ନିଗମର ଅଧକ୍ଷ ଦେବାଶିଷ ମହାନ୍ତି ଜଣାଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଗତ ମାର୍ଚ୍ଚ ମାସ ୩୦ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୧୦ଲକ୍ଷ ଟଙ୍କା ସହିତ ଅଧକ୍ଷ ତାଙ୍କର ଗୋଟିଏ ମାସର ସରମା ୫୦ହଜାର ଟଙ୍କା ମଧ ପ୍ରଦାନ କରିଥିଲେ । ନିଗମ ତରଫରୁ ଅଧକ୍ଷ ଦେବାଶିଷ ମହାନ୍ତି ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ସଦାନନ୍ଦ ନାୟକଙ୍କ ଏଭଳି ପଦକ୍ଷେପ ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଅଛି ।

## ମୟୂରଭଞ୍ଜ ସାହିତ୍ୟ ପରିଷଦର ସାରସ୍ୱତ ଆସର ଓ ବନ୍ଧୁମିଳନ

ବାରିପଦା,୦୨।୦୧ (ନି.ପ୍ର): ମୟୂରଭଞ୍ଜର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ମୟୂରଭ ସାହିତ୍ୟ ପରିଷଦର ଦୀର୍ଘ ଏକ ବର୍ଷ ବ୍ୟବଧାନରେ ଏକ ସାରସ୍ୱତ ଆସର ସହିତ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ସଭାପତି ଓ ସମ୍ପାଦକଙ୍କ ଉଦ୍ୟମ କ୍ରମେ ପାଖାପାଖି ପଚାଷରୁ ଉର୍ଦ୍ଧ ବରିଷ୍ଠ ସଭ୍ୟମାନେ ନିକଟସ୍ଥ ଶିଶୁ ଅନନ୍ତ ବଳିଆ ଆଶ୍ରମ ସମୁଖରେ ଅବସ୍ଥିତ ଏକ ଫାର୍ମ ହାଉସରେ ଏକତ୍ରିତ ହୋଇଥିଲେ। ସବୁଜବନାନି ଆମ୍ରବନ ମଧରେ ସାରସ୍ୱତ ସଭାର ଆୟୋଜନ ସଭିଙ୍କୁ ଆନନ୍ଦିତ କରିଥିଲା। ସଭା ପ୍ରାରମ୍ଭରେ ରହଲୀଳା ସମ୍ବରଣ କରିଥିବା ବିଶିଷ୍ଟ ସଙ୍ଗୀତକାର ଶାନ୍ତନୁ ମହାପାତ୍ରଙ୍କ ସମେତ ମୟୂରଭଞ୍ଜର କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଯଶ ରଖିଥିବା ଅନେକ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାଥନା କରି ସେମାନଙ୍କ ଅମର ଆତ୍ମାର ସଦଗତି କାମନା କରାଯିବା ସହିତ ବିଶିଷ୍ଟ ବକ୍ତାମାନଙ୍କ ଦ୍ୱାରା ସେମାନଙ୍କର ସ୍ମୃତିଚାରଣ କରାଯାଇଥିଲା। ସଭାର ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠ ଉତ୍ସବରେ ତିରିଶରୁ ଉର୍ଦ୍ଧ କବି ଓ କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ପରିଶେଷରେ ପରିଷଦର ସମ୍ପାଦକଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯିବା ସହିତ ସମସ୍ତ କବିତାକୁ ନେଇ ଏକ ସଙ୍କଳନ ପ୍ରସ୍ତୁତ କରିବେ ବୋଲି ମତ ପ୍ରକାଶ କରିଥିଲେ।

## ପୂର୍ବତଟ ରେଳପଥରୁ ଚାଲିବ ଆହୁରି ୫ ଯୋଡ଼ା ବିଶେଷ ଟ୍ରେନ୍

ଭୁବନେଶ୍ୱର,୦୨।୦୧ (ନି.ପ୍ର): ଜାନୁଆରୀ ମାସ ଦ୍ୱିତୀୟ ସପ୍ତାହ ଠାରୁ ପୂର୍ବତଟ ରେଳପଥରୁ ଆଉ ୫ ଯୋଡା ଅତିରିକ୍ତ ବିଶେଷ ଟ୍ରେନ୍ ଚଳାଚଳ କରିବ। ପରବର୍ତୀ ଆଦେଶ ପର୍ଯ୍ୟନ୍ତ ଏହି ଟ୍ରେନ୍ ଚଳାଚଳ କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ଏବେ ପୂର୍ବତଟ ରେଳପଥ ମଧ୍ୟରୁ ୩୪ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଦେଶର ବିଭିନ୍ନ ପ୍ରାନ୍ତକୁ ଚଳାଚଳ କରୁଛି । ନୂଆ ଚାଲିବାକୁ ଥିବା ଟ୍ରେନ୍ ଗୁଡିକ ହେଲା ୦୨୦୮୮/୦୨୦୮୭ ପୁରୀ-ହାଓଡ଼ା-ପୁରୀ ସ୍ୱତନ୍ତ୍ର ଟ୍ରେନ୍, ୦୨୦୬୩/୦୨୦୬୪ ପୁରୀ-ଯଶୋବନ୍ତପୁର-ପୁରୀ ସ୍ୱତନ୍ତ୍ର ଟ୍ରେନ୍, ୦୮୫୧୯/୦୮୫୨୦ ବିଶାଖାପାଟନମ୍-ଏଲଟିଟି-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍, ୦୮୫୬୧/୦୮୫୬୨ ବିଶାଖାପାଟନମ୍-କାଚିଗୁଡା-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍ ଏବଂ ୦୨୦୮୫/୦୨୦୮୬ ସମ୍ବଲପୁର-ନାନ୍ଦେଡ଼-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ । ପୂର୍ବତଟ ରେଳପଥ କିଛିଦିନ ପୂର୍ବରୁ ଛଅ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଏହାର ପରିସୀମା ମଧ୍ୟରୁ ପରବର୍ତୀ ଆଦେଶ ପର୍ଯ୍ୟନ୍ତ ଚଳାଚଳ କରିବାପାଇଁ ବିଜ୍ଞପ୍ତି କରିଥିଲା। ଏହି ଟ୍ରେନ ଗୁଡିକ ହେଲା ଭୁବନେଶ୍ୱର-ପୁନେ-ଭୁବନେଶ୍ୱର ସ୍ପେଶାଲ୍ ଟ୍ରେନ୍, ଭୁବନେଶ୍ୱର-ତିରୁପତି-ଭୁବନେଶ୍ୱର ବିଶେଷ ଟ୍ରେନ୍, ବିଶାଖାପାଟନମ୍-ସାଇ ନାଗର ସିରିଡ଼ି-ବିଶାଖାପାଟନମ୍ ସ୍ପେଶାଲ୍ ଟ୍ରେନ୍, ବିଶାଖାପାଟନମ୍-କୋଲାମ-ବିଶାଖାପାଟନମ୍ ବିଶେଷ ଟ୍ରେନ୍।

# ଜ୍ୟୋତି ହସପିଟାଲର ପୁନର୍ବାର ସାଧାରଣ ସ୍ୱାସ୍ଥ୍ୟସେବା ଆରମ୍ଭ ୪ରୁ

ବାଲେଶ୍ୱର,୦୨।୦୧ (ନି.ପ୍ର): ବାଲେଶ୍ୱରର ପ୍ରଥମ କୋଭିଡ୍ ହସପିଟାଲ ବନ୍ଦ ହୋଇଯିବା ପରେ ପୁନର୍ବାର ସାଧାରଣ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ସହର ଉପକଣ୍ଠ ଜ୍ୟୋତି ହସପିଟାଲର ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତା ୪ ତାରିଖରୁ ଅଧିକରୁ ଅଧିକ ସୁବିଧା ସୁଯୋଗ ସହ ପୂର୍ବଭଳି ଜ୍ୟୋତି ହସପିଟାଲ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କରୋନା ସଂକ୍ରମଣ ସ୍ଥିତିରେ ଜିଲାବାସୀଙ୍କୁ କୋଭିଡ ଚିକିତ୍ସା ପ୍ରଦାପ ପାଇଁ ପ୍ରଶାସନକୁ ଏହି ହସପିଟାଲ ସାମୟିକ ଭାବେ ପ୍ରଦାନ କରାଯାଇଥିବା ନେଇ ଜ୍ୟୋତି ହସପିଟାଲର ପରିଚାଳନା ନିର୍ଦ୍ଦେଶକ ଫାଦର ପଲ ପରମପଥ ସୂଚନା ଦେଇଛନ୍ତି। ଗତ ଏପ୍ରିଲମାସ ଦ୍ୱିତୀୟ ସପ୍ତାହରୁ ଏହି ହସପିଟାଲକୁ ବାଲେଶ୍ୱର କୋଭିଡ୍ ହସପିଟାଲ ଭାବେ ବ୍ୟବହାର କରାଯାଇଥିଲା। ଗତ ନଭେମ୍ବର ମାସରୁ କୋଭିଡ୍ ହସପିଟାଲ ବନ୍ଦ ହୋଇଯିବା ପରେ ଏହାକୁ ବାରମ୍ବାର ସାନିଟାଇଜିଂ କରାଯାଇ ସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ପ୍ରସ୍ତୁତ କରାଯାଇଥିବା ଫାଦର ପଲ କହିଛନ୍ତି। ପୂର୍ବାପେକ୍ଷା ରୋଗୀମାନଙ୍କୁ ଅଧିକ ଅତ୍ୟାଧୁନିକ ସୁବିଧା ସୁଯୋଗ ପ୍ରଦାନ କରାଯିବ। ବିଶେଷ କରି ଏବେ ଜ୍ୟୋତି ହସପିଟାଲରେ ଅତ୍ୟାଧୁନିକ ପଦ୍ଧତିରେ ଚକ୍ଷୁ ଚିକିତ୍ସା ବିଭାଗ ଆରମ୍ଭ ହେବାକୁ ଯାଉଛି ବୋଲି ସେ କହିଛନ୍ତି। ଜନସାଧାରଣ ଏହାର ସୁଯୋଗ ନେବାକୁ ଫାଦର ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

# କଳିଙ୍ଗନଗର ଆଦିବାସୀ ଗୁଳିକାଣ୍ଡକୁ ବିତିଲା ୧୫ବର୍ଷ

## ଜିଲା କଂଗ୍ରେସ ପକ୍ଷରୁ ଦିବଂଗତ ୧୬ଆଦିବାସୀଙ୍କୁ ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର,୨।୧(): କଳିଙ୍ଗ ନଗରରେ ଟାଟା କମ୍ପାନି ପ୍ରତିଷ୍ଠାକୁ ବିରୋଧ କରି ପୁଲିସ ଗୁଳିରେ ଜୀବନ ହାରିଥିବା ଆଦିବାସୀଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ଦିନ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କଂଗ୍ରେସ କମିଟି ଜିଲା ସଭାପତି ସଂଜୀବ ଗିରିଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଚ୍ଚନା ନନ୍ଦୀ, କୃଷ୍ଣଗୋପାଳ ପଣ୍ଡା, ବିକାଶ ଦାସ, ସୁଧାଂଶୁ ଜେନା, ଗୌତମ ସାହୁ, ଜୀବନ ମହାପାତ୍ର ପ୍ରମୁଖ ଯୋଗଦେଇ କଳିଙ୍ଗନଗରରେ ତତ୍କାଳୀନ ସରକାରଙ୍କ ଗୁଳିକାଣ୍ଡ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ୨୦୦୬ ମସିହାରେ ସେତେବେଳର ବିଜେଡି-ବିଜେପି ମିଳିତ ସରକାର ଶିଳ୍ପାୟନ ନାମରେ ନିରୀହ ଆଦିବାସୀଙ୍କ ଉପରେ ଗୁଳି ବର୍ଷଣ କରିବାକୁ ପଛାଇ ନଥିଲେ ବୋଲି ବକ୍ତାମାନେ ଆରୋପ କରିଥିଲେ। ନିଜର ଭିଟାମାଟି ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ଆଦିବାସୀଙ୍କ ୧୫ ବର୍ଷ ପୂରିଛି। ପ୍ରତ୍ୟେକବର୍ଷ ଜାନୁୟାରୀ ୨ ତାରିଖକୁ କଂଗ୍ରେସ ପକ୍ଷରୁ ଆଦିବାସୀ ଗଣହତ୍ୟା ଶ୍ରଦ୍ଧାଞ୍ଜଳି ଦିବସ ଭାବେ ପାଳନ କରିଆସୁଛି ବୋଲି ଦଳୀୟ କର୍ମକର୍ତ୍ତାମାନେ କହିଥିଲେ। ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ୧୬ ଜଣ ନିରୀହ ଆଦିବାସୀ ଭାଇଭଉଣୀମାନଙ୍କୁ କଂଗ୍ରେସ କମିଟି ପକ୍ଷରୁ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସର ବହୁ କର୍ମୀ ସାମିଲ ହୋଇଥିଲେ।

# ୩୩ତମ ଶ୍ରାଦ୍ଧ ବାର୍ଷିକରେ ଡ଼ଃ. ହରେକୃଷ୍ଣ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି



ଧାମନଗର,୦୨।୦୧ (ନି.ପ୍ର): ନବଉତ୍କଳର ନିର୍ମାତା, ଉତ୍କଳକେଶରୀ ଡ଼ଃ. ହରେକୃଷ୍ଣ ମହତାବଙ୍କ ୩୩ତମ ଶ୍ରାଦ୍ଧବାର୍ଷିକ ଅବସରରେ ଶ୍ରଦ୍ଧାଞ୍ଜଳି । ଏହି ପରିପ୍ରେକ୍ଷୀରେ ଧାମନଗର ମହତାବ ସେବାସଦନ ପରିସରରେ ସେବା ସଦନର ପରିଚ୍ଚଳକ ତଥା ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିଶୁସାହିତ୍ୟିକ କାହ୍ନୁଚରଣ ପାଣିଗ୍ରାହୀ, ଜିଲ୍ଲାପରିଷଦ ସଭ୍ୟ ସୁରଥଚନ୍ଦ୍ର ସେଠୀ, କାନ୍ତସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର, ସମ୍ପାଦକ ଶଚିକାନ୍ତ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅନିଲ କୁମାର ବାରିକ, ସୁଧାକର ଦାଶ, ସେକ୍ ଜାଫର ଅଲ୍ଲୀ, ଗୋଲାମ ଜିଲାନି ହବିବି, ବିରେନ୍ଦ୍ର ଜେନା, ପ୍ରମୋଦ କୁମାର ସ୍ୱାଇଁ, ସୁଶାନ୍ତ କୁମାର ରାଉତ, ରଜତ କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ଜେନା, ସରୋଜ କୁମାର ସେଠୀ, ବିବେକାନନ୍ଦ ପଣ୍ଡା, ପ୍ରଶାନ୍ତ ଦ୍ୱିବେଦୀ, ପ୍ରଶାନ୍ତ ସାହୁ, ତାପସ ରଂଜନ ସାହୁ ପ୍ରମୁଖ ଯୋଗଦେଇ ଡ଼ଃ. ମହତାବଙ୍କ ନୀତି ଆଦର୍ଶ ଓ ସୁଗୁଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହତାବ ସେବାସଦନ ପରିସରରେ ଥିବା ନବ ଉତ୍କଳର ନିର୍ମାତା, ଉତ୍କଳ କେଶରୀ ଡ଼ଃ. ହରେକୃଷ୍ଣ ମହତାବଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।

# ସ୍ୱାଧୀନତା ସଂଗ୍ରାମୀଙ୍କୁ ନବବର୍ଷରେ ସମ୍ବର୍ଦ୍ଧନା



ଜଳେଶ୍ୱର,୨/୧ (ନିପ୍ର) : ଶତାୟୁ ପୁରୁଷ ବର୍ଷିଆନ୍ ସ୍ୱାଧିନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ସେନାପତିଙ୍କୁ ତାଙ୍କ ସେକ୍‌ବାର୍ଡସ୍ଥିତ ବାସଭବନରେ କଳା ଓ କଳାକାର ବିକାଶ ପରିଷଦ ପକ୍ଷରୁ ନୂଆବର୍ଷ ଉପଲକ୍ଷେ ସମ୍ବର୍ଦ୍ଧନା ପ୍ରଦାନ ଦିଆଯାଇଛି । ପରିଷଦର ସାଧାରଣ ସଂପାଦକ ମନୋରଂଜନ ଦାସ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଫଂଚାୟତରୁ ଆସିଥିବା କଳାକାର ମାନେ ଶ୍ରୀ ସେନାପତିଙ୍କ ଦୀର୍ଘ ନିରାମୟ ଜୀବନ କାମନ କରିଥିଲେ । ଏହି ପରିପକ୍ଷୀରେ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରିଥିଲେ । କଳାକାର ମାନଙ୍କ ମଧ୍ୟରେ ଅକ୍ଷୟ ଗାନ୍ଧି, ରାଜକୁମାର ରାଉଳ, ଗୌରାଙ୍ଗ ପାଳ, ନାରାୟଣ ବର୍ଷାଳ, ବିଭିଷଣ ବର୍ଷାଳ, ଅଭିମନ୍ୟୁ ଦେହୁରୀ, ପୁନିଲ ସିଂ, ବରେନ୍ଦ୍ର ଘଡେଇ, ଉଦୟ ସାହୁ, ହାଡିବଂଧୁ ବେହେରା, ଜଗଦୀଶ ବେହେରା, ବଲାଇ ସାହୁ, ଦୟାନିଧି ରାଉଳ, ଗୁଣାଧର ବେହେରା, ସୁଜୟ ସେନାପତି, ସୁଧିରା ମାହାଲ, ବିଦ୍ୟୁତ୍ ସାହୁ, ଶିଶିର କୁମାର ଦାସ, ଉପଦେଷ୍ଟା କମଳ ଚକ୍ରବର୍ତ୍ତୀ, ଭାସ୍କର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆର୍ଶୀବାଦ ଭିକ୍ଷା କରିଥିଲେ । ଶ୍ରୀ ସେନାପତି କନିଷ୍ଠ ପୁତ୍ର ତଥା କମର୍ଦ୍ଦା ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଂଜନ ସେନାପତି କଳାକାର ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହା ସହିତ କଳାକାର ମାନେ ଜଳେଶ୍ୱରର ବିଡିଓ ଦିପ୍ତିରଂଜନ ସେଠୀଙ୍କୁ ଭେଟି କଳାକର ମାନଙ୍କ ଭତ୍ତା ଓ ମଂଚ ତଥା କାର୍ଯ୍ୟକ୍ରମ ଖୋଲିବା ବିଷୟରେ ଆଲୋଚନା କରିଥିଲେ ।

# କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୯୧ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୨/୧ (ନିପ୍ର) : କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୯୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୨୬୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୫୭ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ସାମ୍ବାଦିକ ଓ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ଅଜାତଶତ୍ରୁ

## ୧୩ତମ ଶ୍ରାଦ୍ଧ ବାର୍ଷିକରେ ଶଧାଞ୍ଜଳି




ବାଲେଶ୍ୱର,୦୨।୦୧ (ନି.ପ୍ର): ବାଲେଶ୍ୱରର ପୂର୍ବତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱର୍ଗତ ଅଜାତଶତ୍ରୁ ଦାସଙ୍କ ୧୩ମ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ସ୍ମୃତିସଭା ସ୍ଥାନୀୟ ସାମ୍ବାଦିକ ପ୍ରକୋଷ୍ଠରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଜାତଶତ୍ରୁ ଦାସ ସ୍ମୃତିକମିଟିର କର୍ମକର୍ତ୍ତା ବରିଷ୍ଠ ସାମ୍ବାଦିକ ନିରଂଜନ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ବାଲେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ଜିଲା କ୍ରୀଡ଼ା ସଂଘ କାର୍ଯ୍ୟକାରୀ ସଭାପତି ଅଧୀପ ଦାସ ଓ ସମ୍ପାଦକ ଅଭୟ ମହାପାତ୍ର, ଦୈନିକ ଓଡ଼ିଆ ସମ୍ବାଦପତ୍ର 'ଆଜିକାଲି'ର ପ୍ରକାଶକ କିଶୋର ଦାସ, ଦୈନିକ ଓଡ଼ିଆ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସାମ୍ବାଦିକ ସଂଗଠନ 'ଓୟୁଡବ୍ଲ୍ୟୁଜେ'ର ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କର, ସାମ୍ବାଦିକ ରତିକାନ୍ତ ପାତ୍ର ଏବଂ ବ୍ରହ୍ମାନନ୍ଦ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ବହୁବିଧ ପ୍ରତିଭା ଓ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱର୍ଗତ ଦାସ ବାଲେଶ୍ୱରରେ ଡିଆଇପିଆରଓ ଥିବା ବେଳେ ସାମ୍ବାଦିକଙ୍କ ସମ୍ମାନ ରକ୍ଷା ସହ ଗଠନମୂଳକ କର୍ଯ୍ୟକୁ ସେ ଗୁରୁତ୍ୱ ଦେଇ ଆସୁଥିଲେ। ପ୍ରଶାସନିକ ଅଧିକାରୀଙ୍କ ସହ ସମନ୍ୱୟ ରଖି ସହରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ସେ ତ୍ୱରାନ୍ୱିତ କରି ପାରୁଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀ, ସଂଗଠନ ପ୍ରେମୀ, ସାମାସେବୀ ତଥା ମେଳାପୀ ବ୍ୟକ୍ତିତ୍ୱ ଭାବେ ସ୍ୱର୍ଗତ ଦାସଙ୍କ ଆଦର୍ଶ ସାମ୍ବାଦିକଙ୍କ ସମେତ ଯୁବପିଢ଼ିଙ୍କୁ ସର୍ବଦା ପ୍ରେରଣା ଦେଉଥିବ ବୋଲି ସେମାନେ ବକ୍ତବ୍ୟରେ କହିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପଅର୍ପଣ ସହ ସମସ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଆଇନଜୀବୀ ସୂର୍ଯ୍ୟକାନ୍ତ କର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଖିଳ ଓଡିଶା ଅଂଗନୱାଡି କର୍ମୀସଂଘ ତରଫରୁ ବଂଧୁମିଳନ

ଜଳେଶ୍ୱର, ୨/୧ (ନିପ୍ର) : ନିଖିଳ ଓଡିଶା କର୍ମୀ ସଂଘର ଜିଲା ସଂପାଦିକା ତଥା ଜଳେଶ୍ୱର ବ୍ଲକ କମିଟିର ସଭାନେତ୍ରୀ ଲକ୍ଷ୍ମୀପ୍ରୀୟା ଦାସଙ୍କ ପୌରହିତ୍ୟରେ ଏକ ବଂଧୁମିଳନ ପର୍ବ ଜଳେଶ୍ୱର ବ୍ଲକ ବଜାର ପ୍ରଜ୍ଞାଭବନରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଉପଦେଷ୍ଟା କମଳା ଚକ୍ରବର୍ତ୍ତୀ, ମନୋରଂଜନ ଦାସ, ଶ୍ରୀନିବାସ ଦାସମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଂପାଦିକା କଳ୍ପନା ଦାସ, ମମତା ଦାସମହାପାତ୍ର, ସୁଜାତା ବାରିକ, ପୌରପରିଷଦର ସଭାନେତ୍ରୀ ତୃପ୍ତିରାଣୀ ମହାନ୍ତି, କୁନ୍ତଳା ପାତ୍ର, ସଂଧ୍ୟାରାଣୀ କର୍ମକାର ପ୍ରମୁଖ ଉପସ୍ଥିତ ରହି ନବବର୍ଷର ଶୁଭକାମନା କରିଥିଲେ । ପରେ ଜଳେଶ୍ୱର ଆଇସିଡିଏସ୍‌ଥର ସିଡିପିଓ ଦିପ୍ତୀମୟର ପୋଥାଳଙ୍କ ସହିତ ନିୟମୀତ ଦରମା ପ୍ରଦାନ ଓ ଦରମା ବୃଦ୍ଧି, ସମସ୍ତଙ୍କ ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ସମସ୍ତ ଅଂଗନୱାଡିକୁ ବିଦ୍ୟୁତ୍ ଓ ପାଣି ସଂଲଗ୍ନ କରିବା, ପୌରପରିଷଦ ଅନ୍ତର୍ଗତ ଅଂଗନୱାଡି କେନ୍ଦ୍ରର ସୀମା ପୁନଃନିର୍ଦ୍ଧାରଣ ଓ ନୂତନ ଅଂଗନୱାଡି ପ୍ରତିଷ୍ଠା କରିବା, ସମସ୍ତ ମିନି ଅଂଗନୱାଡି କେନ୍ଦ୍ରକୁ ମୁଖ୍ୟ ଅଂଗନୱାଡିରେ ପରିଣତ କରିବା ବିଷୟରେ ଆଲୋଚନା କରି ନବବର୍ଷର ଶୁଭେଚ୍ଛା ପ୍ରଦାନ କରିଥିଲେ । ତତ୍ ସହିତ ବିଡିଓ ଦିପ୍ତିରଂଜନ ସେଠୀଙ୍କୁ ନବବର୍ଷର ଅଭିନନ୍ଦନ ଜ୍ଞାପନ କରାଯାାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo